


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୧ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 November 2024

Vol.No. 35 ■ No.308 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହାରାଷ୍ଟ୍ର-ଝାଡ଼ଖଣ୍ଡ ଏକ୍‌ଜିଟ୍ ପୋଲ୍: ଏନଡିଏ ଆଗୁଆ, ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା




ନୂଆଦିଲ୍ଲୀ, ୨୦/୧୧ : ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଶେଷ ହୋଇଛି। ଭୋଟ ଶେଷ ହେବା ମାତ୍ରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ୍‌ଜିଟ୍ ପୋଲ୍ ଫଳାଫଳ ମଧ୍ୟ ସାମ୍ନାକୁ ଆସିଛି। ଏନଡିଏ ଆଗୁଆ ରହିଥିବାବେଳେ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା ଲାଗିବ ବୋଲି ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଛି। ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ର ଆକଳନ ଅନୁସାରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏର ସହଯୋଗୀ ମହାୟୁତି ପୁଣି ସରକାର ଗଠନ କରିବ। ସେହିପରି ଝାଡ଼ଖଣ୍ଡରେ ବିଜେପି ମେଣ୍ଟ ସଫଳତା ହାସଲ କରିବ। ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ମଧ୍ୟରୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୧୪୫। ମାଟ୍ରିଜ କରିଥିବା ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ମହାରାଷ୍ଟ୍ରରେ ୧୫୦-୧୭୦ଟି ଆସନ ଜିତିବ। ସେହିପରି କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପି ମିଳିତ ଭାବେ ଗଠନ କରିଥିବା ମହା ବିକାଶ ଅଘାଡ଼ି ୧୧୦ରୁ ୧୩୦ ଓ ଅନ୍ୟାନ୍ୟ ଦଳ ୮ରୁ ୧୦ଟି ଆସନ ଜିତିବେ। ମାଟ୍ରିଜ ଅନୁସାରେ ମହାରାଷ୍ଟ୍ରରେ ବିଜେପି ଏକାକୀ ୮୯ରୁ ୧୦୧, କଂଗ୍ରେସ ୩୯ରୁ ୪୭, ଶିବସେନା ୩୭ରୁ ୪୫, ଏନସିପି(ଶରଦ ପାୱାର) ୩୫ରୁ ୪୩, ଶିବସେନା(ଉଦ୍ଧବ ଠାକରେ) ୨୧ରୁ ୨୯ ଓ ଏନସିପି(ଅଜିତ ପାୱାର) ୧୭ରୁ ୨୬ଟି ଆସନ ଜିତିବ। ପି-ଏମଆରକ୍ୟୁ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ୧୩୭ରୁ ୧୫୭, ଏମଭିଏ ୧୨୬ରୁ ୧୪୬ ଓ ଅନ୍ୟାନ୍ୟ ଦଳ ୨ରୁ ୮ ଆସନ ଜିତିବେ। ପିପୁଲ୍ସ ପ୍ଲସ ଏକ୍‌ଜିଟ୍ ପୋଲ୍ ଅନୁସାରେ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୭୫ରୁ ୧୯୫, ଏମଭିଏ ୮୫ରୁ ୧୧୨ ଓ ଅନ୍ୟାନ୍ୟ ଦଳ ୭ରୁ ୧୨ଟି ଆସନ ପାଇବେ।

▶▶ପୃଷ୍ଠା ୭

## କଟକରେ ଲଜ୍ଜା: ୮ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

କଟକ, ୨୦/୧୧ (ନି.ପ୍ର): ଜଣେ ୮ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। କଟକ ବାରଙ୍ଗ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ନାବାଳିକାଙ୍କ ପରିବାର ଲୋକେ ବାରଙ୍ଗ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଘର ନୟାଗଡ଼ ଜିଲ୍ଲାରେ। ତେବେ ବାରଙ୍ଗ ଅଞ୍ଚଳରେ ଏକ ଇଟା ଭାଟିରେ ତାଙ୍କ ବାପାମା’ କାମ କରନ୍ତି। ସେହିଠାରେ ସେମାନେ ରହନ୍ତି। ସେମାନଙ୍କ ନାବାଳିକା ଝିଅ ମଧ୍ୟ ସେମାନଙ୍କ ସହିତ ସେଠାରେ ରହନ୍ତି। ସେହି ଇଟା ଭାଟିରେ ଝାରଖଣ୍ଡର ଜଣେ ଯୁବକ କାମ କରନ୍ତି। ସେ ବି ସେଠାରେ ରହନ୍ତି। ସଂପୃକ୍ତ ଯୁବକ ଜଣଙ୍କ ଗତକାଲି ଏହି ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ଅବସ୍ଥା ଗୁରୁତର ଅଛି। ତାଙ୍କୁ ପ୍ରଥମେ କଟକ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ବାରଙ୍ଗ ପୁଲିସ ତ୍ରିଶୁଳିଆ ଅଞ୍ଚଳରୁ ତାଙ୍କୁ ଗିରଫ କରିଛି ଓ ଘଟଣାର ତଦନ୍ତ କରୁଛି।


## ବିଧାୟକଙ୍କୁ ପିଟି ଛଡ଼ାଇନେଲେ ସୁନା ଚେନ୍




ଯାଜପୁର, ୨୦/୧୧ (ନି.ପ୍ର): ଯାଜପୁରରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସମର୍ଥକମାନେ ତାଙ୍କୁ ଆକ୍ରମଣ କରିଥିବା କହିଛନ୍ତି ନିଜେ ବିଧାୟକ ଶ୍ରୀ ସାହୁ। ଡିଡିଏମ୍‌ଙ୍କ ଅଫିସକୁ ମିଟିଂ ପାଇଁ ଯିବା ବେଳେ ଯାଜପୁର ବୁଢ଼ାପୋଲ ନିକଟରେ ବିଧାୟକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଢ଼ାପୋଲ ନିକଟରେ ଆଜି ବିଜେଡି କର୍ମୀମାନେ ଆନ୍ଦୋଳନରେ ବସିଥିଲେ। ବିରଜା ମାର୍କେଟରେ ହାଟ ବନ୍ଦ କରିବା ପ୍ରତିବାଦରେ ସେମାନେ ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକ କରିଥିଲେ। ତେଣୁ ଅନେକ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ସେହିବାଟରେ ଏ ସରକାରୀ ବୈଠକକୁ ଯୋଗଦେବାକୁ ଯାଉଥିବା ବେଳେ ଫସି ଯାଇଥିଲେ। ହଠାତ୍ ୧୦/୧୫ ଜଣ ଲୋକ

▶▶ପୃଷ୍ଠା ୭

## ଫେବୃଆରୀ ୧୮ରୁ ଯୁକ୍ତ ଦୁଇ ପରୀକ୍ଷା



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଯୁକ୍ତ ଦୁଇ ପରୀକ୍ଷା ନେଇ ଆଜି କାର୍ଯ୍ୟସୂଚୀ ପ୍ରକାଶ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ଫେବୃଆରୀ ୧୮ରୁ ଆରମ୍ଭ ହେବ +୨ ପରୀକ୍ଷା। ଆଉ ଏହା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ହେବ। ୧୮ ତାରିଖରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀଙ୍କର ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅଛି। ୧୯ ତାରିଖରୁ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବ। ସେଦିନ ସେମାନଙ୍କର ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅଛି। ୨୦ ତାରିଖରୁ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବ। ୨୨ ତାରିଖରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କର ଇଂରାଜୀ ପରୀକ୍ଷା ଅଛି। ୨୮ ତାରିଖରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କର ପଦାର୍ଥ ବିଜ୍ଞାନ ବା ଫିଜିକ୍ସ ପରୀକ୍ଷା ଥିବା ବେଳେ ମାର୍ଚ୍ଚ ୪ ତାରିଖରେ ଜିଓଲୋଜି, ମାର୍ଚ୍ଚ ୭ରେ ରସାୟନ ବିଜ୍ଞାନ ବା କେମେଷ୍ଟ୍ରୀ, ମାର୍ଚ୍ଚ ୧୦ରେ ଅଲ୍ ଅଦର ଏମ୍‌ଆଇଏଲ୍‌ସ, ୧୭ରେ ଗଣିତ,

▶▶ପୃଷ୍ଠା ୭

## ‘ଦାନା’ କ୍ଷୟକ୍ଷତି ଆକଳନ ପାଇଁ ୨୪ରେ ଆସିବ କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ବାତ୍ୟା ‘ଦାନା’ ଓ ପରବର୍ତ୍ତୀ ବନ୍ୟା ପରିସ୍ଥିତିଜନିତ କ୍ଷୟକ୍ଷତିର ଆକଳନ ପାଇଁ ଆସନ୍ତା ୨୪ତାରିଖରେ କେନ୍ଦ୍ର ସରକାରଙ୍କ ଆନ୍ତଃମନ୍ତ୍ରଣାଳୟ ଟିମ୍ ଓଡ଼ିଶା ଆସିବ। ଏହି ଟିମ୍ ୨୭ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ପ୍ରଭାବିତ ୩ଟି ଜିଲ୍ଲା ଗସ୍ତ କରିବା ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି। ଆଜି ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ‘ଦାନା’ କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ୨୪ତାରିଖରେ ଓଡ଼ିଶା ଆସିବେ। ୨୭ତାରିଖ ପର୍ଯ୍ୟନ୍ତ ପ୍ରଭାବିତ ୩ଟି ଜିଲ୍ଲାକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିବେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପିକେ ରାଏଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ଓଡ଼ିଶା ଆସୁଛନ୍ତି।

▶▶ପୃଷ୍ଠା ୭

## ୨୫ ଲକ୍ଷର ଅଳଙ୍କାର ଲୁଟ୍

କେନ୍ଦୁଝର, ୨୦/୧୧ (ନି.ପ୍ର): ରାତିର ଅନ୍ଧକାରରେ ଅଳଙ୍କାର ବ୍ୟବସାୟୀଙ୍କ ନିକଟରୁ ହେଲା ସଶସ୍ତ୍ର ଡକାୟତି। ଦୋକାନୀ ବାପପୁଅ ୨୫ ଲକ୍ଷ ଟଙ୍କାର ଅଳଙ୍କାର ଧରି ଘରକୁ ଫେରୁଥିବା ବେଳେ ବନ୍ଧୁକ, ଭୁଜାଲି ଦେଖାଇ ଲୁଟିନେଲେ ୬ ଲୁଟେରା। ଏପରି ଏକ ସଶସ୍ତ୍ର ଡକାୟତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଉର୍ଡ୍ଡୀ ଛକ ନିକଟରେ ଘଟିଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀଜଣକ ହେଲେ ହିରଣ୍ୟମୟୀ ସାହୁ । ହିରଣ୍ୟମୟୀ ସାହୁଙ୍କର ଉର୍ଡ୍ଡୀ ଛକରେ ‘ଓମ୍ ଜୁଏଲାରୀ’ ନାମକ ଦୋକାନ ରହିଛି। ଗତ ରାତି ପ୍ରାୟ ୯ଟା ବେଳେ ହିରଣ୍ୟମୟୀ ସାହୁ ଏକ ବ୍ୟାଗ୍‌ରେ ସବୁ ସୁନା ଅଳଙ୍କାର ଧରି ନିଜ ସାନ ପୁଅ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ଦୋକାନଠାରୁ ମାତ୍ର ଶହେ ମିଟର ଦୂରରେ

▶▶ପୃଷ୍ଠା ୭

## ଖୋଲିଲା ଧାନ ମଣ୍ଡି: ମନ୍ତ୍ରୀ କହିଲେ ଚାଷୀଙ୍କ ପାଇଁ ଆଜି ଉତ୍ସବର ଦିନ



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ରାଜ୍ୟରେ ଆଜିଠୁ ଖୋଲିଲା ଧାନ ମଣ୍ଡି। ବରଗଡ଼ରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ମୋହନ ମାଝୀ ସରକାର ଅମଳରେ କଟନୀ ଛଟନୀ ସମସ୍ୟା ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କ୍ୱିଣ୍ଟାଲ ପ୍ରତି ଚାଷୀ ୩୧ ଶହ ଟଙ୍କା ପାଇବେ । ଏଥିସହ ଧାନର କଳାବଜାରୀ ରୋକିବାକୁ ସୀମା ସିଲ୍ କରାଯିବ । ବରଗଡ଼ କଳାପାଣି ମଣ୍ଡିରେ ଆଜି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଯୋଗାଣ ମନ୍ତ୍ରୀ । ବରଗଡ଼ ଅତାବିରା ସମେତ ସମୁଦାୟ ୩ଟି ସ୍ଥାନରେ ମନ୍ତ୍ରୀ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଆସନ୍ତା କାଲିଠୁ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହେବ । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆଜିର ଦିନ ହେଉଛି ଚାଷୀଙ୍କ ପାଇଁ ଉତ୍ସବର ଦିନ । ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତ ହାଣ୍ଡି। ତେଣୁ ଏହିଠାରୁ ମଣ୍ଡି ଖୋଲିବାର ଶୁଭାରମ୍ଭ କରାଗଲା। ଆସନ୍ତା କାଲିଠୁ ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ

▶▶ପୃଷ୍ଠା ୭

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁରର ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀଙ୍କ ଘର ଓ କାର୍ଯ୍ୟାଳୟ ସମେତ ୧୧ଟି ସ୍ଥାନରେ ଓଡିଶା ଭିଜିଲାନ୍ସ ବିଭାଗ ଆଜି ସକାଳରୁ ଚଢାଉ କରାଯାଉଛି । ଭ୍ରଷ୍ଟାଚାର ନିବାରଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବଲାଙ୍ଗିରର ବିଶେଷ ନ୍ୟାୟାଧୀଶ (ଭିଜିଲାନ୍ସ) ଦ୍ୱାରା ଜାରି ହୋଇଥିବା ୱାରେଂଟ ଆଧାରରେ, ୨ ଅତିରିକ୍ତ ପୋଲିସ୍ ଅଧୀକ୍ଷକ, ୩ ଡିଏସ୍ପି, ୭ ପରୀକ୍ଷକ ଏବଂ ଅନ୍ୟ ଜଣେ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଟିମ୍ ଭୁବନେଶ୍ୱର, ବଲାଙ୍ଗିର, ସୁବର୍ଣ୍ଣପୁର ଏବଂ ବରଗଡ଼ରେ ୧୧ଟି ସ୍ଥାନରେ ଏକା ସାଙ୍ଗେ ଚଢାଉ କରୁଛନ୍ତି ।

## ଟ୍ରମ୍ପଙ୍କ ଭୟରେ ଭାରତର ନିକଟତର ହେଲେ ଜିନପିଙ୍ଗ୍



ନୂଆଦିଲ୍ଲୀ, ୨୦/୧୧ : ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପରଠାରୁ ଚୀନ୍‌ର ଭୟ ବଢ଼ିବାରେ ଲାଗିଛି। ଚୀନ୍‌ର ସବୁଠାରୁ ବଡ ଭୟ ହେଉଛି ବାଣିଜ୍ୟ। ଜାନୁଆରୀରେ ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରେ ଟ୍ରମ୍ପ ଚୀନ୍ ଉପରେ ଲାଗୁ ହୋଇଥିବା ଶୁଳ୍କ ବୃଦ୍ଧି କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଏହା ଘଟେ, ତେବେ ଧୀର ଅର୍ଥନୈତିକ ଅଭିବୃଦ୍ଧିରେ ପୀଡିତ ଚୀନ୍ ପାଇଁ ଏହା ଏକ ବଡ ଝଟକା ହେବ। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଏଡାଇବା ପାଇଁ ଚୀନ୍ ନିକଟରେ ଆଉ ଏକ ଅର୍ଥନୈତିକ ପ୍ୟାକେଜ୍ ଘୋଷଣା କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଦେଶର ଅର୍ଥନୀତିକୁ ବୃଦ୍ଧି କରିବା। କିନ୍ତୁ ବିଶେଷଜ୍ଞମାନଙ୍କ ଅନୁସାରେ ଚୀନ୍‌ର ସମସ୍ତ ଅର୍ଥନୈତିକ ପ୍ୟାକେ ଜ୍ଜୁଡ଼ିକ ବୃଥା ହୋଇଛି। ଏହାର କୌଣସି ଲାଭ ହେବ ନାହିଁ। ଟ୍ରମ୍ପଙ୍କ ଚାପ ହ୍ରାସ କରିବାକୁ ଚୀନ୍ ଭୟରେ ଏବେ ଭାରତର ନିକଟତର ହେବାରେ ଲାଗିଛି। ଏଥିପାଇଁ ଚୀନ୍‌ର ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ସରକାର ଭାରତ ସହ ସମ୍ପର୍କକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛନ୍ତି। ଆମେରିକା ପକ୍ଷରୁ ଆସିବାକୁଥିବା ଟ୍ରମ୍ପ ପ୍ରଶାସନର ଚାପକୁ ହ୍ରାସ କରିବାକୁ ଚୀନ୍ ବର୍ତ୍ତମାନ ଭାରତ ସହ ସମ୍ପର୍କକୁ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଛି। ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ୍ ଆଣ୍ଡ ପାର୍ଟନରସିପ୍ ଫୋରମ୍‌ର ସଭାପତି ମୁକେଶ ଆଘୀ ଏହା କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଚାଇନାର ସାମଗ୍ରୀ ଉପରେ ୬୦ ପ୍ରତିଶତ ଏବଂ ଅନ୍ୟଦେଶରୁ ଆମେରିକୀୟ ଆମଦାନୀ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ପ୍ରସ୍ତାବ ଦେଇଥିଲେ ବୋଲି ମୁକେଶ ଆଘୀ କହିଛନ୍ତି। ତେଣୁ ଟ୍ରମ୍ପ ପ୍ରଶାସନର ଆଗମନର ପ୍ରାରମ୍ଭିକ ପ୍ରଭାବ ଦେଖିବାକୁ ମିଳିଛି। ଯାହା ଦ୍ୱାରା ଭାରତ ସହ ନିଜର କାରବାରକୁ ବୃଦ୍ଧି କରିବାକୁ ଚୀନ୍ ଉପରେ ଚାପ ସୃଷ୍ଟି ହୋଇଛି। ତେଣୁ ସୀମା ପାଟ୍ରୋଲିଂ ଉପରେ ଏକ ଚୁକ୍ତି ହୋଇଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ ଉପରେ ଚୁକ୍ତି ହୋଇଛି। ଚୀନ୍‌ର ମନୋଭାବ ଆଗାମୀ ସମୟରେ ଆହୁରି ହ୍ରାସ ପାଇବାର ଆଶା ରହିଛି। ଆଘୀ କହିଛନ୍ତି ଯେ ଟ୍ରମ୍ପଙ୍କ ବିଜୟ ଭାରତ-ଚୀନ୍ ସମ୍ପର୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଛି। ଆଗାମୀ ସମୟରେ ଚାଇନା ଆଉ କିଛି ନରମ ମନୋଭାବ ଦେଖାଇପାରେ।

▶▶ପୃଷ୍ଠା ୭

## ୬,୬୦୦ କୋଟିର ବିଟକଏନ ସ୍କାମ: ଏଫଆଇଆର ରୁଜୁ କରି ତଦନ୍ତ ଆରମ୍ଭ କଲା ସିବିଆଇ



ନୂଆଦିଲ୍ଲୀ, ୨୦/୧୧ : ମହାରାଷ୍ଟ୍ର ବିଟକଏନ ସ୍କାମର ତଦନ୍ତ ବୁଧବାର ଠାରୁ ଆରମ୍ଭ କରିଛି ସିବିଆଇ। ୬,୬୦୦ କୋଟି ଟଙ୍କାର ଠକେଇ ମାମଲାରେ ସିବିଆଇ ଗୋଟିଏ ଏଫଆଇଆର ରୁଜୁ କରିଛି। ଏଥିରେ ୨ ଜଣଙ୍କ ନାଁ ରହିଥିଲା ବେଳେ ଆଉ ଜଣେ ସନ୍ଦିଗ୍ଧ ଅଭିଯୁକ୍ତଙ୍କୁ ଜେରା ପାଇଁ ନୋଟିସ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ଏପରି ପଦକ୍ଷେପ ନେଇଛି। ୬,୬୦୦ କୋଟି ଟଙ୍କାର ବିଟକଏନ ଠକେଇ ମାମଲାର ମାଷ୍ଟରମାଇଣ୍ଡ ହେଉଛନ୍ତି ଅମିତ ଭରଦ୍ୱାଜ ଓ ଅଜୟ ଭରଦ୍ୱାଜ। ସିବିଆଇ ଏହି ଦୁଇ ଜଣଙ୍କ ନାଁ ଏଫଆଇଆରରେ ଉଲ୍ଲେଖ କରିଛି। ହୃଦଘାତରେ ଅମିତ ପ୍ରାଣ ହରାଇ ସାରିଥିବା ବେଳେ ଅଜୟ ଏବେ ଫେରାର ରହିଛନ୍ତି। ଏକାଧିକ ଏଜେନ୍ସି ଅଜୟଙ୍କ ନାଁରେ ଲୁକ ଆଉଟ ନୋଟିସ ଜାରି କରିଛନ୍ତି। ଏହାବାଦ ସିବିଆଇ ଘଟଣାର ଅନ୍ୟତମ ଅଭିଯୁକ୍ତ ଗୌରବ ମେହେତାଙ୍କୁ ହାଜର ହେବାକୁ ନୋଟିସ କରିଛି। ତାଙ୍କୁ ଯଥାଶୀଘ୍ର ହାଜର ହୋଇ ନିଜର ପକ୍ଷ ରଖିବାକୁ କୁହାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଡି ଭରଦ୍ୱାଜ ଭ୍ରାତାଙ୍କ ବିରୋଧରେ ଦିଲ୍ଲୀ, ପୁଣେ ଓ ଆଉ କିଛି ସ୍ଥାନରେ ନିବେଶକାରୀଙ୍କୁ ଠକିଥିବା ଅଭିଯୋଗରେ ଏଫଆଇଆର ରୁଜୁ କରିଥିଲା। ମହାରାଷ୍ଟ୍ର ପୁଲିସ୍‌ର ଅର୍ଥନୀତିକ ଅପରାଧ ଶାଖା ରୁଜୁ କରିଥିବା ମାମଲା ଓ ତଦନ୍ତ ଆଧାରରେ ଇଡି ଏପରି ପଦକ୍ଷେପ ନେଇଥିଲା। ଏବେ ସିବିଆଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦିନକ ପୂର୍ବରୁ ବିଜେପିର ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀ ସାମ୍ବାଦିକ ସମ୍ମିଳନୀ କରି ଗୋଟିଏ ଅଡିଓ କ୍ଲିପ ଜାରି କରିଥିଲେ। ଅଭିଯୋଗ ଅନୁସାରେ, ଏହି ଅଡିଓ କ୍ଲିପ ବାରାମତୀ ସାଂସଦ ସୁପ୍ରିୟା ସୁଲେ ଓ ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେଙ୍କ ଭିତରେ ହୋଇଥିବା କଥୋପକଥନ। ସେମାନେ ଜଣେ ପୂର୍ବତନ ପୁଲିସ୍ କମିଶନର ଓ ଜଣେ ଡିଲରଙ୍କ ସହ ମିଶି ବେଆଇନ ବିଟକଏନ ନେଣଦେଣ ପାଇଁ ଷଡ଼ଯନ୍ତ୍ର କରିଥିବା ଏଥିରେ ଦାବି କରାଯାଇଛି। ତେବେ ଏପରି ଅଭିଯୋଗକୁ ସୁପ୍ରିୟା ସୁଲେ ଖଣ୍ଡନ କରିଛନ୍ତି।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

ସମ୍ବଲପୁର, ୨୦/୧୧ (ନି.ପ୍ର): ଆଜି ପୂର୍ବାହ୍ନ ୧୧ଟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ବିଶ୍ୱ ଶୌଚାଳୟ ଦିବସ ୨୦୨୪ ଅଭିଯାନର ଶୁଭାରମ୍ଭ ହୋଇଛି। ଶୌଚାଳୟ ବ୍ୟବହାରକୁ ପ୍ରୋତ୍ସାହିତ କରିବା, ସୁରକ୍ଷିତ/ ସ୍ୱଚ୍ଛ ଶୌଚାଳୟ ଉପଲବ୍ଧତା ଏବଂ ସାମଗ୍ରିକ ପରିମଳ ସମ୍ବନ୍ଧୀୟ ଦିଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ବିଶ୍ୱ ଶୌଚାଳୟ ଦିବସ ଅଭିଯାନର ବିଷୟବସ୍ତୁ ହେଉଛି 'ହମାରା ଶୌଚାଳୟ, ହମାରା ସମ୍ମାନ' । ଏହି ଅଭିଯାନ ମାନବାଧିକାର ଦିବସ ଅର୍ଥାତ ୧୦ ଡିସେମ୍ବର ୨୦୨୪ରେ ଶେଷ ହେବ । ଆଜିର ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ) ଶ୍ରୀ ବିବି ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ଆର.ଡବ୍ଲ୍ୟୁ.ଏସ୍.ଏସ୍. ସୁଚିତ୍ର କୁମାର ମହାନ୍ତି, ଜିଲ୍ଲା ପରିମଳ ପରାମର୍ଶଦାତା ଶ୍ରୀ ବିଦ୍ୟୁତ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ କହିଛନ୍ତି ଶୌଚାଳୟ ର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ । ଉତମ ଶୌଚାଳୟ ନିର୍ମାଣ ସହ ଏ ନେଇ ନିଜ ପରିବାର ର ଲୋକ, ନିଜ ଗ୍ରାମବାସୀଙ୍କୁ ସଚେତନତା କରାଇବାକୁ ସେ ବୈଠକରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର କହିଛନ୍ତି ଯେ, ଶୌଚାଳୟର ବ୍ୟବହାର ଏବଂ ଏହା ବିଷୟରେ ସଚେତନତା ଏକ ମିଳିତ ପ୍ରୟାସ । ଏଥିପାଇଁ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ଲୋକଙ୍କୁ ସଚେତନ କରିବା ସହ ଭିତିଭୂମି ଅର୍ଥାତ୍ ସୁସ୍ଥ ଶୌଚାଳୟ ନିର୍ମାଣ କଲେ ସୁସ୍ଥ ସମାଜ ଟିଏ ଗଢିବା ଆମ ପକ୍ଷେ ସହଜ ହୋଇପାରିବ। ଯେଉଁଠି ଜାଗା ଅଭାବ ରହିଛି, ସେଠାରେ କମ୍ୟୁନିଟି ସାନିଟାରୀ କମ୍ପ୍ଲେକ୍ସ ନିର୍ମାଣ କରିପାରିଲେ ଖୋଲାରେ ସୌଚ ଅଭ୍ୟାସ ହ୍ରାସ ପାଇ ପାଇବ। ଯଦି ଆମେ ଏ ଦିଗରେ ପଦକ୍ଷେପ ନେବୁ ତେବେ ଆମେ ଆମର ନିରନ୍ତର ବିକାଶର ଲକ୍ଷ୍ୟ ଅର୍ଥାତ୍ ସ୍ୱଚ୍ଛ ଜଳ ଓ ପରିମଳ ହାସଲ କରିବାରେ ସକ୍ଷମ ହୋଇପାରିବା ।

ବୈଠକ ଶେଷରେ ୧୫ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚାଳୟ ପାଇଁ ୱାର୍କ ଅର୍ଡର ପ୍ରଦାନ କରାଯାଇଛି।

## ବିଏସଏନଏଲ ଅଫିସରେ ଅଗ୍ନିକାଣ୍ଡ

ଜୟପୁର, ୨୦/୧୧ (ନି.ପ୍ର): ଜୟପୁର ଖ୍ରିଷ୍ଟିଆନପେଟା ସ୍ଥିତ ବିଏସଏନଏଲ ଅଫିସରେ ଅଗ୍ନିକାଣ୍ଡ ଘଟିଛି । ଆଜି ସକାଳ ୭ଟା ୩୦ ମିନିଟ ସମୟରେ ଜୟପୁର ଦମକଳ ବିଭାଗ ସୂଚନା ପାଇ ସେଠାରେ ପହଂଚି ନିଆଁକୁ ଆୟତ କରିଥିଲେ ।
ବିଏସଏନଏଲ ଅଫିସରେ ଥିବା ଷ୍ଟୋର ରୁମରେ ନିଆଁ ଲାଗି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମେସିନ ଆଦି ପୋଡି ଯାଇଛି । କେହି ଦୁର୍ବୃତ ଏପରି କାଣ୍ଡ ଘଟାଇଥିବା ଦମକଳ ବିଭାଗ ଅନୁମାନ କରୁଛି। ଆସିଷ୍ଟାଣ୍ଡ ଫାଇର ଅଫିସର ସୁରେଶ କୁମାର ବାରିକ, ମୁଖ୍ୟ ଅଗ୍ନିକ ଚିତ ରଞ୍ଜନ ପାଞ୍ଜିଆ, ଗୁପ୍ତେଶ୍ୱର କଅଁର, ପବନ କୁମାର ସବର, ସୁରେଶ କୁମାର ହାଲବା ପ୍ରମୁଖ ଉପସ୍ଥିତ ରହି ନିଆଁକୁ ଆୟତ କରିଥିଲେ ।

# କଳିଙ୍ଗ ବାଲିଯାତ୍ରା ୨୦୨୪ର ସପ୍ତମ ସନ୍ଧ୍ୟା




ପାରାଦୀପ , ୨୦/୧୧ (ନି.ପ୍ର): ଆଜି କଳିଙ୍ଗ ବାଲିଯାତ୍ରା ର ସପ୍ତମ ସନ୍ଧ୍ୟା ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଙ୍କ ଅଧକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା , କ୍ରୀଡା ଓ ଯୁବ ବ୍ୟାପାର ଏବଂଏବଂ ଭାଷା, ସାହିତ୍ୟ ସଂସ୍କୃତି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, ମାନ୍ୟବର ବିଧାୟକ, ଦିଗପହଣ୍ଡି, ଶ୍ରୀ ଆକାଶ ଦାସ ନାୟକ, ମାନ୍ୟବର ବିଧାୟକ, କୋରେଇ ଏବଂ ଶ୍ରୀ ବସନ୍ତ ବିଶ୍ୱାଳ, ଅଧକ୍ଷ, ପାରାଦୀପ ପୌର ପରିଷଦ।ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା,କ୍ରୀଡା , ଯୁବବ୍ୟାପାର ଏବଂ ଭାଷା, ସାହିତ୍ୟ ସଂସ୍କୃତି ଶ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଓଡ଼ିଶା ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଜଣାଇଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ସରକାର ଙ୍କ ପକ୍ଷରୁ ଓଡ଼ିଶା କୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି। ଜଗତସିଂହପୁର ର ଅଢ଼ଙ୍ଗ ଗଡ ର ଉଦାହରଣ ଦେଇ ସେ କହିଥିଲେ ଯେ ଓଡ଼ିଶା ର ପୁରୁଣା ପରିଚୟ କୁ ଫେରାଇ ଆଣିବା ସମସ୍ତଙ୍କର କର୍ତ୍ତବ୍ୟ।୨୦୩୬ ମସିହା ରେ ସ୍ୱପ୍ନର ଓଡ଼ିଶା କୁ ଉଦ୍ଭାସିତ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ମନ୍ତ୍ରୀ କହିଥିଲେ। ଅଧକ୍ଷତା କରି ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇ କଳିଙ୍ଗ ବାଲିଯାତ୍ରା କୁ ଓଡ଼ିଶା ମାନଚିତ୍ର ରେ ସ୍ୱତନ୍ତ୍ର ସ୍ଥାନ ଦେବାପାଇଁ ହୋଇଥିବା ପ୍ରୟାସ ପାଇଁ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ ନିଜକୁ ପାରାଦ୍ୱୀପ ର ଜ୍ୱାଇଁ ଭାବେ ପରିଚୟ ଦେଇ ପାରାଦ୍ୱୀପ ସହିତ ନିଜର ମଧୁର ସମ୍ପର୍କ ବିଷୟରେ କହିଥିଲେ। ଉପସ୍ଥିତ ସମସ୍ତଙ୍କୁ ଓଡ଼ିଆ ଭାବରେ ଗ୍ୱ କରିବା ସହ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କୁ ବିଶ୍ୱ ଦରବାର ରେ ପ୍ରତିଷ୍ଠିତ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଗପହଣ୍ଡି ର ମାନ୍ୟବର ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର କହିଥିଲେ ଯେ, ପାରାଦ୍ୱୀପ ତାଙ୍କପାଇଁ କର୍ମଭୂମୀ। ନିଜ ଅଭିନୀତ ଅନେକ ଚଳଚ୍ଚିତ୍ର ସେ ପାରାଦ୍ୱୀପ ରେ ରହି କାମ କରିଛନ୍ତି ତେଣୁ ଏହାକୁ କର୍ମକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସେ କହିଥିଲେ। ଶେଷରେ ପାରାଦ୍ୱୀପ ପୌର ପରିଷଦ ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।ଆଜି ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କଳା ବିକାଶ କେନ୍ଦ୍ର ଦ୍ୱାରା ଓଡ଼ିଶୀ ନୃତ୍ୟ,ସ୍ୱୟମ୍ଭୁ ଆଶାତେକେୟାର ଏକାଡେମୀ ସମ୍ବଲପୁରୀ ନୃତ୍ୟ, ମା ସରସ୍ୱତୀ କଳା ବିକାଶ କେନ୍ଦ୍ର ଦ୍ୱାରା ବେଙ୍ଗଲି ଲୋକ ନୃତ୍ୟ, ତ୍ରିରଙ୍ଗା ଡାନ୍ସ ଏକାଡେମୀ ଦ୍ୱାରା ରିମିକ୍ସ ଡାନ୍ସ, ସରସ୍ୱତୀ କଳା ପରିଷଦ ଦ୍ୱାରା ନୃତ୍ୟ, ୱେଷ୍ଟର୍ନ ଡାନ୍ସ ଗ୍ରୁପ ଦ୍ୱାରା ମଡର୍ନ ଡାନ୍ସ,ମେଘ ମଲ୍ଲାର କଳା ପରିଷଦ ଦ୍ୱାରା ଲୋକନୃତ୍ୟ, ବଧାଇ ଡାନ୍ସ ଗ୍ରୁପ ଦ୍ୱାରା ରାଜସ୍ଥାନୀ ନୃତ୍ୟ , ମଣିପୁରୀ ନୃତ୍ୟ ଏବଂ ବାଜିଗର ମ୍ୟାଜିକ ସୋ ଦ୍ୱାରା ମ୍ୟାଜିକ ଶୋ ପରିବେଷଣ କରାଯାଇଥିଲା। ଶେଷରେ କଣ୍ଠଶିଳ୍ପୀ ଓ ଗାୟକ ଅଭିଜିତ ମଜୁମଦାର ଙ୍କ ସଙ୍ଗୀତ ତାଳେ ତାଳେ ଦର୍ଶକ ମାନେ ଝୁମି ଉଠିଥିଲେ। ଆଜି ଷଷ୍ଠ ସନ୍ଧ୍ୟାରେ ଲୋକଙ୍କ ସମାଗମ ଅଧିକ ରହିଥିଲା।ଯେତେ ବାଲିଯାତ୍ରା ସରି ସରି ଆସୁଛି ସେତେ ଲୋକଙ୍କ ସମାଗମ ବଢୁଛି। ଆଜି ଶୁକ୍ରବାର ହେତୁ ଫାଷ୍ଟ ଫୁଡ ଷ୍ଟଲ ରେ ଆମିଷ ଖାଇବା ପାଇଁ ବେଶ ଭିଡ ଦେଖିବାକୁ ମିଳିଥିଲା। ଷ୍ଟଲ ସଂଖ୍ୟା ଅଧିକ ରହି ଥିବାରୁ ଲୋକେ ବୁଲି ବୁଲି ସାମଗ୍ରୀ ମାନ କିଣୁ ଥିବାର ଦେଖିବାକୁ ମିଳିଥିଲା। କିଛି ଷ୍ଟଲ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ ରହିଥିଲେ ମଧ ସେଥିରେ ମଧ ଭଲ ବ୍ୟବସାୟ ହେଉଥିବା ଲକ୍ଷ୍ୟ କରାଯାଇଛି।ଏଥର ବ୍ୟବସାୟ ରେ ଆଶାତିତ ଲାଭ ହେବା ନେଇ ବ୍ୟବସାୟୀ ମାନେ କହିଛନ୍ତି।ପ୍ରତ୍ୟକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି।ବହୁ ଅଲିଉଡ୍ ଓ ବଲିଉଡ ର କଳାକାର ମାନଙ୍କୁ ଏଥର କଳିଙ୍ଗ ବାଲିଯାତ୍ରା ରେ ଦେଖିବାକୁ ମିଳିଛି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ

କେନ୍ଦ୍ରାପଡା, ୨୦/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତିବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଜାନୁୟାରୀ୧୦ତାରିଖରୁ ୧୧୮ଟି ମଣ୍ଡିରେ ଧାନକ୍ରୟ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି ଓମଣ୍ଡିଗୁଡିକର ଭିତିଭୂମି ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୋଗୀ ଯନ୍ତ୍ରପାତିଗୁଡିକର ବ୍ୟବସ୍ଥା କରାଯାଇଛି ଓ ମଣ୍ଡିଗୁଡିକ ସପ୍ତାହରେ ୩ଦିନ ସକାଳ ୮ଘଟିକା ରୁ ଦିନ ୨ଘଟିକା ମଧରେ ଧାନ ସଂଗ୍ରହ କରିବେ ଓ ୨୪ ଘଂଟା ରୁ ୭୨ ଘଂଟା ମଧରେ ଟୋକନ ଧାରୀ ଚାଷୀଙ୍କ ଅକାଉଣ୍ଟକୁ ସିଧାସଳଖ ଅର୍ଥ ରାଶି ପ୍ରେରଣ କରାଯିବ ଓଏ ବର୍ଷ ୪୪,୦୧୬ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବୈଧ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ରହିଛି ୪୪,୦୦୪ଜଣ ଓ କେନ୍ଦ୍ରାପଡା ଜିଲ୍ଲାରେ ଏ ବର୍ଷ ପୂର୍ବ ବର୍ଷ ପରି ସାଟେଲାଇଟ ଯାଂଚ ମାଧମରେ ପଞ୍ଜୀକୃତଜମିରେ ଚାଷ ହୋଇଛିକି ନାହିଁ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି ଫଳରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ କ୍ଷୁଦ୍ର, ମଧମ ଚାଷୀମାନଙ୍କଠାରୁ ଟୋକନ ମାଧମରେ ଧାନ ସଂଗ୍ରହ କରାଯାଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ଓମଣ୍ଡିଗୁଡିକୁ ତନଖି କରି ଏହାର ଭିତିଭୂମିକୁ ସଜାଡିବାକୁ ବରିଷ୍ଠ ଏଆରସିଏସଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓଧାନ ସଂଗ୍ରହ ପାଇଁ ଆରଏମସି ମାଧମରେ ପ୍ରଚାର ପ୍ରସାର କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତିଓ ରଙ୍ଗଣୀ ଓ ତାଳଚୁଆରେ ଧାନମଣ୍ଡି ଖୋଲିବାକୁ ରାଜନଗର ବିଧାୟକ ଶ୍ରୀ ଧ୍ରୁବ ଚରଣ ସାହୁ ପ୍ରଶାସନ ନିକଟରେ ପ୍ରସ୍ତାବ ରଖିଥିଲେ ଓ ଚଳିତ ବର୍ଷ ପ୍ରଥମ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୮୫,୩୦୮ମେଟ୍ରିକ ଟନ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର ?ୟ କରିଛନ୍ତି ଓ ୨୦୨୪-୨୫ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ତା.୦୧.୧୧.୨୦୨୪ରୁ ତା.୩୧.୦୩.୨୦୨୫ ସମୟ ଧାର ?ୟ କରିଛନ୍ତି ଓଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ୧୧୮ଜଣ ମଣ୍ଡି ନୋଡାଲ ଅଫିସର, ୩୮ଜଣ ମଣ୍ଡି ସୁପରଭାଇଜିଙ୍ଗ୍ ଅଫିସର ନିଯୁକ୍ତି ଦିଆଯାଇଛି ଓ ଆସନ୍ତା ତା.୨୦.୧୧.୨୦୨୪ରିଖ ଠାରୁ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ଓବ୍ଲକ ସ୍ତରରେ ବିଡିଓମାନେ ନୋଡାଲ ଅଫିସର ହୋଇଥିବା ବେଳେ ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନୀଲୁ ମହାପାତ୍ର ନୋଡାଲ ଅଫିସର ଭାବେ କାର୍ଯ୍ୟକରି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ ଓ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୧୧୮ଜଣ ପ୍ୟାକସ୍ ସେକ୍ରେଟାରୀ ଓ ୧୧୮ଜଣଉରଡଙ୍କୁ ଧାନ ସଂଗ୍ରହର ସମସ୍ତ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଓ ମଣ୍ଡିରେ ଧାନ ସଂଗ୍ରହ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୫ଜଣ କ୍ୱାଲିଟି ଆନାଲାଇଜରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଉ ଅତିରିକ୍ତ ଭାବେ ୧୫ଜଣଙ୍କୁ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ଓ ସେହିଭଳି ଜିଲ୍ଲାରେ ୪ଟି ଚାଉଳ ସଂଗ୍ରହକେନ୍ଦ୍ର ଥିବା ବେଳେ ଅତିରିକ୍ତ ଭାବେ ପଟ୍ଟାମୁଣ୍ଡାଇରେ ଗୋଟିଏ ଓ ମାର୍ଶାଘାଇ କିମ୍ବା ମହାକାଳପଡ଼ାରେ ଆଉ ଗୋଟିଏ ଚାଉଳ ସଂଗ୍ରହକେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ଓ ଟୋକନ ଅନୁସାରେ ଧାନ କିଣିବା, ଚାଷୀଙ୍କୁ ମିଲକୁ ଯାଇ ଧାନ ବିକ୍ରି ନକରିବା, କଟନୀ ଛଟନୀ ବନ୍ଦ କରିବା, ୮୦୦ ଟଙ୍କା ଅତିରିକ୍ତ ଗଝଚ ବୃଦ୍ଧି ସମ୍ପର୍କରେ ସଚେତନ କରାଇବା, ଟୋକନର ଭ୍ୟାଲିଡିଟି ସମ୍ପର୍କରେ ଅବଗତ କରାଇବା, ସୋସାଇଟି ଫଳକରେ ଟୋକନ ଧାରୀ ପଞ୍ଜୀକୃତ ଚାଷୀଙ୍କ ନାମ ପ୍ରକାଶ କରିବା, ମଣ୍ଡି ଅନୁଯାଇ ଚାଷୀମାନଙ୍କ ନାମ ଫଳକରେ ପ୍ରକାଶ କରିବା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା ଓ ବୈଠକରେ ରାଜନଗର ବିଧାୟକ ଶ୍ରୀ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ାର ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦର ସଭାପତି ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାସ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀପ୍ରଫୁଲ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ, ଜିଲ୍ଲାସ୍ତରୀୟ ଅଧିକାରୀ, ମାପ ଓଜନ ନିରିକ୍ଷକ, ଆରଏମସିର ପଦାଧିକାରୀ, ସୋସାଇଟିର ସମ୍ପାଦକ, ମିଲର, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପଜିଲ୍ଲାପାଳ ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଫିଲ୍ମ ନିର୍ମାତା ଶାନ୍ତନୁ ମିଶ୍ରଙ୍କୁ ୨ଟି ରାଜ୍ୟ ଚଳଚିତ୍ର ପୁରସ୍କାର

ସମ୍ବଲପୁର, ୨୦/୧୧ (ନି.ପ୍ର): ବିଶିଷ୍ଟ ଚଳଚିତ୍ର ନିର୍ମାତା ଶାନ୍ତନୁ ମିଶ୍ରଙ୍କ ପ୍ରଯୋଜିତ ୨ଟି ଚଳଚିତ୍ର ମାନାୟୁଁ : ମାଇଁ ୱାଣ୍ଡରଲ୍ୟାଣ୍ଡକୁ ଶ୍ରେଷ୍ଠ ପ୍ରାମାଣିକ ଚଳଚିତ୍ର ଏବଂ ଟର୍ଚ୍ଚକୁ ସ୍ୱତନ୍ତ୍ର ଜୁରୀ ଆୱାର୍ଡ ମିଳିଛି । ଭୁବନେଶ୍ୱର ଠାରେ ଓଡିଶା ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ୩୪ତମ ଓଡିଶା ରାଜ୍ୟ ଚଳଚିତ୍ର ସମ୍ମାନ ସମାରୋହରେ ରାଜ୍ୟପାଳ ରଘୁବର ଦାସ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ମାନାୟୁଁ ଓ ଟର୍ଚ୍ଚ ଚଳଚିତ୍ର ଦକ୍ଷିଣ ଆଫ୍ରିକାର ଟର୍ବାନ ଆନ୍ତର୍ଜାତୀୟ ଉତ୍ସବ ପାଇଁ ଦେଶର ୨ଟି ମନୋନୀତ ସିନେମାରେ ସାମିଲ ହୋଇ ବେଶ ପ୍ରଂଶସିତ ହୋଇଥିଲା । ଏହି ସଫଳତା ପରେ ଶ୍ରୀ ମିଶ୍ର କହିଛନ୍ତି ଯେ, ବାସ୍ତବତାକୁ ଚିତ୍ରଣ କରିବା ଓ ମୂଲ୍ୟବୋଧକୁ ଅନୁସରଣ କରିବା ପାଇଁ ଚଳିଚିତ୍ର ଏକ ଶକ୍ତିଶାଳୀ ମାଧମ । ଏକ ଭଲ ଚଳଚିତ୍ର ଯୁବପୀଢିଙ୍କ ମଧରେ ବ୍ୟକ୍ତିଗତ, ନୈତିକ ଏବଂ ସାମାଜିକ ସମସ୍ୟା ଗୁଡିକୁ ଅନୁଧ୍ୟାନ କରି ଜଣେ ଉତମ ଓ ସୁଦୃଷ୍ଟ ବ୍ୟକ୍ତିତ୍ୱରେ ପରିଣତ କରିବା ଚଳଚିତ୍ର ସକ୍ଷମ ଅଟେ । ସୂଚନାଯୋଗ୍ୟ, ସମ୍ବଲପୁର ସହର ନନ୍ଦପଡାର ଶାନ୍ତନୁ ଏକ ସଂସ୍କୃତି ଓ ନାଟ୍ୟପ୍ରେମୀ ପରିବାରରେ ୧୯୬୫ ମସିହାରେ ବାପା ହରପ୍ରସାଦ ମିଶ୍ର ଓ ମାତା ଦିପ୍ତୀପ୍ରଭା ମିଶ୍ରଙ୍କ କୋଳ ମଣ୍ଡନ କରିଥିଲେ । ସେ ନନ୍ଦପଡା ୟୁପି ସ୍କୁଲ ଓ ପରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ କୃତିତ୍ୱର ସହ ଉତୀର୍ଣ୍ଣ ହେବା ପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଏବଂ ଦିଲ୍ଲୀରୁ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ ।

## ପୁରୀରେ ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

ପୁରୀ, ୨୦/୧୧ (ନି.ପ୍ର): ପୁରୀରେ ୭୧ ତମ ଜିଲ୍ଲା ସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ଟାଉନ ହଲ ଠାରେ ପାଳିତ ହୋଇଥିଲା। ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସମବାୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଆର୍ଥିକ ସମୃଦ୍ଧି ଓ ସହଯୋଗରେ ସହାୟକ ହେବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଆମ ରାଜ୍ୟ ଓ ଦେଶର ଅର୍ଥନୀତି କୁ ସୁଦୃଢ କରିବାରେ ସମବାୟର ବଡ ଯୋଗଦାନ ରହିଛି। ଏହା ବର୍ଷ ବର୍ଷ ଧରି ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଛି। ଏହାକୁ ଅଧିକ ସମ୍ପ୍ରସାରିତ କରିବା ଦିଗରେ ବିଭାଗ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷର ବିଷୟ ବା ଥିମ ବିକଶିତ ଓଡିଶା ଗଠନରେ ସମବାୟ ର ଭୂମିକା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ ଦେଶର ଅର୍ଥନୀତିରେ ସମବାୟ ଏକ ପ୍ରମୁଖ ଭୂମିକା ନେଇଛି ଓ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ଲୋକ ହିତରେ ଜାରି ରହିଛି ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ଡିଆରସିଏସ ସୁନିତା ପତି, ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ର ସିଇଓ ବନଶ୍ରୀ ମଲ୍ଲିକ, ଅଡିକ ସର୍କଲ ର ଦାଶରଥି ବେହେରା, ଏଆରସିଏସ ସ୍ୱରୂପ କୁମାର କର ଓ ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ର ସଦସ୍ୟ ମାନେ ଏହି ମହୋତ୍ସବରେ ଯୋଗଦେଇ ସମବାୟ ଆନ୍ଦୋଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆର୍ଥିକ ସମୃଦ୍ଧିରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।

# ତିନି ମୋବାଇଲ ଲୁଟେରା ପାଣିକୋଇଲି ଥାନାରେ ଅଟକ

କୋରେଇ, ୨୦/୧୧ (ନି.ପ୍ର): ଦିନକୁ ଦିନ ଜାତୀୟ ରାଜପଥ ୧୬ ଓ ୨୦ ଉପରେ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବଢି ଚାଲିଛି। ଥାନାରେ କର୍ମଚାରୀଙ୍କ ଅଭାବ ଯୋଗୁଁ ଲୁଟେରା ମାନଙ୍କ ଦୌରତ୍ମ୍ୟ ବଢି ଚାଲିଥିବା ବେଳେ ପୁଲିସ ଅଭିଯୋଗ ପାଇ ମଧ୍ୟ କେବଳ ମାମଲା ରୁଜୁ କରି ହାତବାନ୍ଧି ଚୁପ ହୋଇ ବସିବାକୁ ପଡୁଛି। ଗତ ସୋମବାର ଦିନ ଭୋଡ଼ାଫୋନ କମ୍ପାନୀରେ ପେଟ୍ରୋଲିଂ ଅଧିକାରୀ ଭାବେ କାର୍ଯ୍ୟରତ ବିଜୟ ମହାନ୍ତି ବାଇକ ଯୋଗେ ଭଦ୍ରକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ଥାନା ଅଧିନସ୍ଥ ସାହାପୁର ନିକଟରେ ଏକ ଧଳା ରଙ୍ଗର ପଲସର ବାଇକରେ ଦୁଇ ଲୁଟେରା ପଛ ପଟୁ ଆସି ତାଙ୍କ ମୋବାଇଲଟିକୁ ଝାମ୍ପି ନେଇଥିଲେ। ପରେ ସେ ଏ ସଂକ୍ରାନ୍ତରେ ବିଜୟ ଅନ୍ୟ ଏକ ଫୋନ ମାଧ୍ୟମରେ ନିଜର ସହଯୋଗୀ କର୍ମଚାରୀ ଯୁବ ଇଂଜିନିୟର ସିଦ୍ଧାନ୍ତ ଧଳ ଓ ଭଦ୍ରକ ଜିଲ୍ଲାର ଜୋନ ମୁଖ୍ୟ ଅଚ୍ୟୁତାନନ୍ଦ ଦାଶଙ୍କୁ ଜଣାଇଥିଲେ। ଏହା ପରେ ପୁଲିସ ପକ୍ଷରୁ ଉକ୍ତ ଦୁଇ ଯୁବକଙ୍କୁ ପିଛା କରାଯାଇଥିଲା। ପୁଲିସ ପିଛା କରୁଥିବାର ଜାଣିପାରି ଦୁଇ ଲୁଟେରା ନେଉଳପୁର ଠାରୁ ପୁଣି ଭଦ୍ରକ ଅଭିମୂଖେ ଆସି ଛତାବର ଟୋଲଗେଟ ପୂର୍ବରୁ ଏକ ଗ୍ରାମ୍ୟ ରାସ୍ତା ଦେଇ ଯାଜପୁର ଯାଇ ସେଠାରୁ କୟାଁଗୋଲା ଦେଇ ଧାମନଗର ପଳାଇ ଯାଇଥିଲେ। ତେବେ ମୋବାଇଲ କମ୍ପାନୀର ଦୁଇ କର୍ମଚାରୀ ତାଙ୍କର ଫୋନକୁ ଟ୍ରାକିଙ୍ଗ କରିବା ସହିତ ତାଙ୍କର ପିଛା କରି ଧାମନଗର ଠାରେ ପହଂଚିଥିଲେ। ପୁଲିସ ପିଛା କରୁଛି ଭାବି ଉକ୍ତ ଦୁଇ ଯୁବକ ମୋବାଇଲ ଗୁଡ଼ିକ ଫୋପାଡ଼ି ଦେଇ ଓ ବାଇକ ଛାଡ଼ି ନିକଟସ୍ଥ ଏକ ନାଳକୁ ଡ଼େଇଁ ପଡ଼ିଥିଲେ। ତେବେ ଉକ୍ତ ଦୁଇ ଜଣ ଯୁବକଙ୍କ ମଧ୍ୟରୁ ଜଣକୁ ଦୁଇ କର୍ମଚାରୀ କାବୁ କରି ପୁଲିସ ଜିମା ଦେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା । ଉକ୍ତ ଯୁବକ ଜଣକୁ ଭଦ୍ରକ ଜିଲ୍ଲା ଧାମନଗର ଥାନାରେ ଅଟକ ରଖିଥିବା ବେଳେ ଉକ୍ତ ଯୁବକ ଜଣକ ଠାରୁସୁଚନା ପାଇ ଆଉ ଦୁଇ ଜଣକୁ ଧାମନଗର ପୁଲିସ ଉଠାଇ ଆଣି ପାଣିକୋଇଲି ଥାନାକୁ ହସ୍ତାନ୍ତର କରିଛି। ଏଥି ସହିତ ଧାମନଗର ପୁଲିସ ଉକ୍ତ ଲୁଟେରା ମାନଙ୍କ ଦ୍ୱାରା ଚୋରୀ କରାଯାଇଥିବା ୮ଟି ମୋବାଇଲକୁ ଜବତ କରିବା ସହିତ ଦୁଇଟି ଚୋରା ବାଇକ( ଓଡ଼ି୨୨ ଭି ୫୦୩୨ ଓ ଓଡ଼ି ୩୪ ୟୁ ୪୬୩୧)କୁ ମଧ୍ୟ ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ଓ ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ ବୈଠକ

ଖୋର୍ଦ୍ଧା, ୨୦/୧୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜ୍ୟୋତି ଶଙ୍କର ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ବିଶ୍ୱ ଶୌ।ଚାଳୟ ଦିବସ ଓ ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି ଥିବାବେଳେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ ସାହୁ, ବିଧାୟକ ନବ କିଶୋର ମଲିକ, ବିଧାୟକ ଜଟଣୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ ।ସ୍ୱଚ୍ଛତାର ଗୁରୁତ୍ୱକୁ ଅନୁଭବ କରି ପ୍ରତିବର୍ଷ ନଭେମ୍ବର ୧୯ ତାରିଖ କୁ ବିଶ୍ୱ ଶୌ।ଚାଳୟ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ବିକଶିତ ଭାରତ ବର୍ଷର ଉତ୍ସବ ପାଳନ କରିବା ସହ ସମସ୍ତଙ୍କ ନିମନ୍ତେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟଗୁଡ଼ିକ ପ୍ରତି ଗୁରୁତ୍ୱ ପ୍ରଦାନ କରୁଛି ।ଏହି କାର୍ଯ୍ୟକ୍ରମ ନଭେମ୍ବର ୧୯ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।ପ୍ରଥମେ ଜିଲ୍ଲା ସ୍ତରରେ ଏବଂ ପରେ ବ୍ଲକ୍ ସ୍ତରରେ ଅନୁଷ୍ଠିତ ହେବା । ମୁଖ୍ୟ ଉନ୍ନୟନ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ? ପରିଚାଳନା କରିଥିଲେ ।ପ୍ରଥମେ ଜିଲ୍ଲା ପରିଷଦ ଅଧକ୍ଷା,ଶୌ।ଚାଳୟ ଦିବସ ର ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଂଚାଇବାକୁ ହେବ ଏବଂ ଏଥି ସହିତ ସମାଜ କୁ ସୁରକ୍ଷିତ ରଖିବାକୁ ହେବ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ବିଧାୟକ ଜୟଦେବ, ପ୍ରଶାସନ ଓ ପ୍ରତିନିଧି ମାନଙ୍କ ମଧରେ ଯେଉଁ ସରକାରଙ୍କ ଯୋଜନା ସାଧାରଣ ଜନତାଙ୍କ ପାଖରେ ପହଂଚାଇବାକୁ ହେବ ସେ କର୍ତବ୍ୟ ଆମ ମାନଙ୍କର । ଏପରିକି ପରିବେଶ ଓ ପାନୀୟ ଜଳ କିପରି ସ୍ୱଚ୍ଛ ରହିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ବେଗୁନିଆ କହିଲେ ନିରୋଗ ମଣିଷ ରହିବା ପାଇଁ ଶୌ।ଚାଳୟ ଓ ପାଣି ର ବ୍ୟବସ୍ଥା ନିହାତି ଆବଶ୍ୟକ । ମେଗା ଜଳ ଯୋଜନା ଚାଲୁ ରହିଲେ ପାଣି ର ଅଭାବ ଦୁରହେ୍ୱ । ପାଣି ର ଆବଶ୍ୟକ ତାକୁ ପ୍ରାଥମିକତା ଦିଆଯିବ। ବିଧାୟକ ଜଟଣୀଙ୍କ ପ୍ରତିନିଧି କହିଲେ ଯେ ସ୍ୱଚ୍ଛତାର ସଫଳ ରୂପାୟନ କିପରି ହୋଇପାରିବ,ଏହା ହେଉଛି ମୁଳମନ୍ତ । ଆଜି ର ମୁଖ୍ୟ ଅତିଥି ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଦିବସର ପରିପ୍ରେକ୍ଷୀରେ କହିଲେ ଯେ ଆମର ଶୌ।ଚାଳୟ ଏକ ଡ୍ରଇଂ ରୁମ ଭଳି ଦେଖାଯିବା ଦରକାର ବୋଲି ମହାତ୍ମା ଗାନ୍ଧୀଙ୍କର ମନ୍ତବ୍ୟ ଥିଲା। ଏପିଜେ ଅବଦୁଲ କାଲାମଙ୍କ ଏକ ଆର୍ଟିକିଲରେ ଲେଖିଥିଲେ, ଟୋକିଓରେ ଛେପ ପକାଇବା ଏକ କ୍ରାଇମ ।ସ୍ୱଚ୍ଛତା ଈଶ୍ୱରଙ୍କ ସଙ୍ଗେ ସମାନ ବୋଲି ପ୍ରକାଶ କରିଥିଲେ । ପରିବେଶ କେମିତି ସ୍ୱଚ୍ଛତା ରଖିବା କୋଭିଡରୁ ପ୍ରକୃତି ଆମକୁ ସ୍ୱଚ୍ଛତାର ଶିକ୍ଷା ଦେଲା ବୋଲି ସେ ବକ୍ତବ୍ୟରେ ରଖିଥିଲେ । ଅତିଥିମାନଙ୍କ ଅଭିଭାଷଣ ପରେ ପାଇଖାନା ତିଆରି ନିମନ୍ତେ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା ଏବଂ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷ ରେ ଅତିରିକ୍ତ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ,କସ୍ତୁରୀ ବାଳା ଜେନା ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ମହାପାତ୍ର ଭାସ୍କର ଗନ୍ତାୟତଙ୍କ ପରଲୋକ

ଗଞ୍ଜାମ, ୨୦/୧୧ (ନି.ପ୍ର): ଖ୍ୟାତନାମା ସାହିତ୍ୟିକ, ଲେଖକ, ଉପନ୍ୟାସିକ,ବରିଷ୍ଠ ସାମ୍ବାଦିକ ମହାପାତ୍ର ଭାସ୍କର ଗନ୍ତାୟତ (୭୩ ବର୍ଷ)ଙ୍କ ଆଜି ଭୋରରେ ଖଜୁରିଆ ସ୍ଥିତ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ଧର୍ମପତ୍ନୀ ଶ୍ରୀମତୀ ସୌଦାମିନୀ, ପୁଅ କାହ୍ନ , ଆଦିତ୍ୟ ପ୍ରସାଦ, ରାଜରାଜ, ଝିଅ ସୃଜନୀ ପ୍ରିୟ ଦର୍ଶନୀ ଗନ୍ତାୟତ, ଜ୍ୱାଇଁ ଶ୍ରୀ ଯଜ୍ଞ ନାରାୟଣ ସାହୁ, ବୋହୂ ଶ୍ରୀମତୀ ଆକାଂକ୍ଷା ରାଜବଂଶୀ, ଶ୍ରୀମତୀ ବସନ୍ତା କୋପୁଲା ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ମହାପାତ୍ର ଭାସ୍କର ଗନ୍ତାୟତଙ୍କ ଅନନ୍ୟ ସାହିତ୍ୟ କୃତି ମଧ୍ୟରେ ' ଶେଷ ବିଂଶର ଯୀଶୁ ' 'ବାଟବଣା ନଈ ଓ ସମୁଦ୍ର ' ବିଶେଷ ଭାବେ ଚର୍ଚ୍ଚିତ ଉପନ୍ୟାସ। ଏହା ବ୍ୟତୀତ ସେ ସ୍ୱଦେଶୀ ଲେଖକ ମଂଚ ର ଅଧକ୍ଷ ଭାବେ ' ବିଜୁ ମହାନାୟକ ' ପୁସ୍ତକ ପ୍ରକାଶ କରିଛନ୍ତି। ବିଶିଷ୍ଟ ଉପନ୍ୟାସିକ ଶରତ ଚନ୍ଦ୍ର ଚୋଟ ପାଧ୍ୟ ଙ୍କ 'କୋରେଲ' ର ସେ ଅନୁବାଦ କରିଛନ୍ତି। ଅନାମ ପୁରୁଷଙ୍କ ବ୍ୟକିତ୍ୱ ଉପରେ ଆଧାରିତ ' ଅଷ୍ଟକଥା ଚରିତ' ପୁସ୍ତକ ସେ ସଂଯୋଜନା କରିଥିଲେ। ଦୀର୍ଘ ବର୍ଷ ଧରି ସ୍ୱର୍ଗତ ଗନ୍ତାୟତ ' ଦୈନିକ ଆଶା' ସମ୍ବାଦପତ୍ର ସଂସ୍ଥାରେ ସହ ସମ୍ପାଦକ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ଏହା ବ୍ୟତୀତ କାବ୍ୟ, କବିତା, ଗଳ୍ପ ଇତ୍ୟାଦି ସେ ଦୀର୍ଘ ୫୦ ବର୍ଷ ପୂର୍ବରୁ କଟକର ସ୍ୱର୍ଗତ ମଧୁସୂଦନ ମହାନ୍ତିଙ୍କ 'ମଧୁ କୁଟୀର ' ରେ ଥିବା ସମୟରୁ ଓଡ଼ିଶାର ସାହିତ୍ୟିକ, କବି, ସମାଲୋଚକ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଏହା ବ୍ୟତୀତ ଶତାଧିକ ପୁସ୍ତକ ସେ ସମ୍ପାଦନା କରିଛନ୍ତି। ସେ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ବାସ୍ତବବାଦୀ ଲେଖକ ଭାବେ ସେ ବେଶ୍ ପରିଚିତ।

# ବୁଢେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ

ଭୁବନ, ୨୦/୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଢେଶ୍ୱର ମନ୍ଦିର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ବୁଢେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦେବୋତର ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ସଦର ସହକାରୀ ଉପଜିଲ୍ଲାପାଳ ମୀରା ନାୟକ,ଏନ୍ ଏ ସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଙ୍କ ଉପସ୍ଥିତି ରେ ସର୍ବ ସମ୍ମତ କ୍ରମେ ୨୩ ଜଣିଆ କମିଟି ଗଠନ କରାଯାଇଥିଲା । ନୂତନ କମିଟି ରେ ପୂର୍ବତନ ନଗରପାଳ ନରହରି ସାହୁ (ସଭାପତି) ,ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ମହାରଣା (ସମ୍ପାଦକ), ବିପିନ ବିହାରୀ ସେଠୀ (ଉପ ସଭାପତି),ସନ୍ତୋଷ ବିହାରୀ (ସହ ସମ୍ପାଦକ),ସୁରେନ୍ଦ୍ର କୁମାର ପୃଷ୍ଟି ଙ୍କୁ ( କୋଷାଧକ୍ଷ) ଭାବେ ଚୟନ କରାଯାଇଥିଲା । ନୂତନ କମିଟି ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ ହୋଇଛନ୍ତି ।ଜଣେ ନିର୍ବିବାଦୀୟ,ନିଷ୍କଳଙ୍କ ଓ ନିଃସ୍ୱାର୍ଥପର ବ୍ୟକ୍ତି ଭାବେ ପରିଚିତ ପୂର୍ବତନ ନଗରପାଳ ନରହରି ସାହୁ ବୁଢେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ହୋଇଥିବାରୁ ସମଗ୍ର ଭୁବନରେ ଆନନ୍ଦ ପ୍ରକାଶ ପାଇଛି।

# ଧାରାବାହିକ:

ଭାଗ-୩୦

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଥରେ ସଚିଦେବୀଙ୍କ ସହ ସିଂହାସନ ମଧ୍ୟରେ ଉପବିଷ୍ଟ ସମୟରେ ଦେବଗୁରୁ ବୃହସ୍ପତି ସେଠାରେ ଉପସ୍ଥିତ ହେଲେ । ଉପସ୍ଥିତ ଦେବତା, ଯକ୍ଷ, କିନ୍ନର ସମସ୍ତେ ଆସନରୁ ଉଠି ସମ୍ମାନ ଜଣାଇବା ବେଳେ ଇନ୍ଦ୍ର କୌଣସି ସମ୍ମାନ ଦେଖାଇଲେ ନାହିଁ । ଦେବଗୁରୁ ତାହା ମନ ମଧ୍ୟରେ ଜାଣି ପାରି ଅହଂକାର କାରଣରୁ ଇନ୍ଦ୍ର ସମ୍ମାନ ଜଣାଇ ନାହାନ୍ତି ଦେଖି ଅପମାନିତ ବୋଧକରି ବିଷଣ୍ଣ ଦେଖାଯିବା ସହ ସେ ସ୍ଥାନ ପରିତ୍ୟାଗ କଲେ । ଦେବଗୁରୁ ଚାଲିଯିବା ପରେ ଇନ୍ଦ୍ରଙ୍କର ଚୈତନ୍ୟ ଉଦୟ ହେବା କାରଣରୁ ସେ ନିଜର ଭୁଲ ବୁଝିପାରି ନିଜକୁ ଧିକ୍କାର କରିବା ସହ କ୍ଷମା ମାଗିବା ନିମନ୍ତେ ଦେବଗୁରୁଙ୍କ ନିକଟକୁ ଗଲେ । ଦେବଗୁରୁ ଏହା ଜାଣିପାରି ସେଠାରୁ ଅନ୍ତର୍ଦ୍ଧାନ ହୋଇଯିବାରୁ ତାଙ୍କୁ ନପାଇ ଇନ୍ଦ୍ର ବ୍ୟାକୁଳ ହୋଇ ଅଶାନ୍ତିରେ କାଳ କାଟିଲେ । ଏହି ସମୟରେ ଦୈତ୍ୟମାନେ ନିଜଗୁରୁ ଶୁକ୍ରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଗୁରୁହୀନ ଦେବତାମାନଙ୍କ ଉପରେ ଆକ୍ରମଣ କରିବାରୁ ଇନ୍ଦ୍ରାଦି ସମସ୍ତ ଦେବତା ବ୍ରହ୍ମାଙ୍କର ଶରଣାପନ୍ନ ହେଲେ । ବ୍ରହ୍ମା ସେମାନଙ୍କୁ କହିଲେ ଗୁରୁଙ୍କୁ ଅସମ୍ମାନ ଫଳରେ ତୁମମାନଙ୍କୁ ଦୈତ୍ୟ ପରାଭବ ଭୋଗିବାକୁ ହେଲା । ଏବେ ତୁମେମାନେ ତୃଷ୍ଟାମୁନିଙ୍କ ପୁତ୍ର ବିଶ୍ୱରୂପଙ୍କୁ ଗୁରୁ ଓ ପୁରୋହିତ ରୂପେ ବରଣ କର । ସେ ମହାନ ତପସ୍ୱୀ କିନ୍ତୁ ମନେରଖ ସେ ମଧ୍ୟ ଅସୁରଙ୍କ ପ୍ରତି ଅନୁଗତ । ବୁଝି ବିଚାରି କାମ କର । ଦେବତାମାନେ ତାଙ୍କ ନିକଟକୁ ଯାଇ ଯଥାବିଧି ସମ୍ମାନ ପ୍ରଦର୍ଶନ ପୂର୍ବକ ନିଜର ମନୋବାଞ୍ଛା କହିବାରୁ ବିଶ୍ୱରୂପ କହିଲେ, ଆପଣମାନେ ମୋର ନମସ୍ୟ, ଆପଣମାନଙ୍କର ଅନୁରୋଧ ପ୍ରତ୍ୟାକ୍ଷାନ କରିବା କଥା ନୁହେଁ କିନ୍ତୁ ମୁଁ ଜଣେ ଅତ୍ୟନ୍ତ ଦରିଦ୍ର ବ୍ରାହ୍ମଣ । ଧାନକ୍ଷେତରୁ ଧାନ କାଟି ନିଆଯିବାପରେ ଯାହା ପଡିଥାଏ ସେତିକି ସଂଗ୍ରହବ କରି ଅତ୍ୟନ୍ତ ଆନନ୍ଦରେ କାଳାତିପାତ କରୁଛି । ମୁଁ ଶୁଣିଛି ପୁରୋହିତ କର୍ମ ବ୍ରହ୍ମତେଜ ହରଣକାରୀ ଏଣୁ ମୁଁ କାହିଁକି ସେ ନିନ୍ଦନୀୟ କାର୍ଯ୍ୟ କରିବି । ତଥାପି ଆପଣମାନେ ମୋର ଗୁରୁଜନ କାରଣରୁ ମୁଁ ଆପଣମାନଙ୍କର ପୌରହିତ୍ୟ କର୍ମକୁ ଗ୍ରହଣ କରୁଛି । ଏହାପରେ ବିଶ୍ୱରୂପ ଶ୍ରୀକୃଷ୍ଣଙ୍କୁ ସ୍ମରଣ ପୂର୍ବକ ବୈଷ୍ଣବୀ ବିଦ୍ୟା ବଳରେ ଦେବତାଙ୍କର ସମସ୍ତ ଅପହୃତ ପଦାର୍ଥଦୈତ୍ୟଙ୍କ ନିକଟରୁ ଆଣି ଦେବତାମାନଙ୍କୁ ଅର୍ପଣ କଲେ ଏବଂ ତାଙ୍କର ଉପଦେଶରେ ଦେବତାମାନେ ନାରାୟଣ କବଚଦ୍ୱାରା ଅସୁରମାନଙ୍କର ମାୟା ଭେଦ କରି ଯୁଦ୍ଧରେ ବିଜୟୀ ହେଲେ ।

### ୮ମ ଅଧ୍ୟାୟ

### ॥ ନାରାୟଣ କବଚ ଉପଦେଶ ପ୍ରସଙ୍ଗ ॥

ରାଜା ପରୀକ୍ଷିତ ନାରାୟଣ କବଚ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ଶୁକଦେବ କହିଲେ, ସର୍ବଭୟହାରି ଏହି କବଚର ପାଠ ନିୟମ ହେଲା- ହାତପାଦ ଧୋଇ ଶୁଦ୍ଧଭାବରେ କୁଶବଟୁ ଧାରଣ କରି ଉତ୍ତରାଭିମୁଖ ହୋଇ ବସି ଓଁ ନମୋଃ ଭଗବତେ ବାସୁଦେବାୟ ଦ୍ୱାଦଶାକ୍ଷର ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଙ୍ଗନ୍ୟାସ କରି କବଚ ପାଠ କରିବ । ଏହି କବଚର ସାରାଂଶ ଏଠାରେ ପ୍ରଦାନ କରାଗଲା- ଅଣିମାଦି ଅଷ୍ଟସିଦ୍ଧି ଶୋଭିତ, ଶଙ୍ଖଚକ୍ରଗଦାପଦ୍ମ ପରିଶୋଭିତ ଓଁକାର ରୂପୀ ଗରୁଡ ପୃଷ୍ଠରେ ପାଦ ରଖିଥିବା ଭଗବାନ ଶ୍ରୀହରି ମୋତେ ରକ୍ଷା କରନ୍ତୁ । ଜଳରେ ମତ୍ସ୍ୟ, ସ୍ଥଳରେ ବାମନ, ଅରଣ୍ୟରେ ନୃସିଂହ, ପର୍ବତ ଶିଖରରେ ପର୍ଶୁରାମ, ପ୍ରବାସରେ ଶ୍ରୀରାମ, ନାନାଦି ଅନ୍ୟାୟ କବଳରୁ ଶ୍ରୀନାରାୟଣ, ଯୋଗଭ୍ରଷ୍ଟରୁ ଦତ୍ତାତ୍ରୟ, କର୍ମବନ୍ଧନରୁ କପିଳ, କାମତାପରୁ ସନତକୁମାର, ଦେବ ଅବହେଳା ଦୋଷରୁ ହୟଗ୍ରୀବ ମୂର୍ତ୍ତି, ସେବା ଅପରାଧରୁ ଶ୍ରୀନାରଦ, ଅପଥ୍ୟରୁ ଧନନ୍ତ୍ୱରୀ, ଦୁଃଖସୁଖ ଦ୍ୱନ୍ଦ୍ୱରୁ ଋଷଭଦେବ, ଜନପବାଦରୁ ଯଜ୍ଞମୂର୍ତ୍ତି, ଜମ-ଉତ୍ପାତରୁ ଶ୍ରୀ ବଳରାମ, ସର୍ପ ଭୟରୁ ଶେଷଦେବ, କଳିକଳୁଷରୁ କଳକୀ, ଅଜ୍ଞାନ ଅନ୍ଧକାରରୁ ବ୍ୟାସଦେବ, ଭୂତପ୍ରେତ ପିଶାଚ କବଳରୁ ଭୂତନାଥ, ପାଷାଣ୍ଡ ଦାଉରୁ ବୁଦ୍ଧରୂପୀ ଭଗବାନ ମୋତେ ରକ୍ଷା କରନ୍ତୁ । ପ୍ରାତଃକାଳରେ ଗଦାହସ୍ତ ଶ୍ରୀହରି, ପୂର୍ବାହ୍ନରେ ବଂଶୀଧାରୀ, ଦ୍ୱିପ୍ରହରରେ ଚକ୍ରଧାରୀ, ଅପରାହ୍ଣରେ ଧନୁର୍ଦ୍ଧାରୀ ମଧୁସୂଦନ, ସୂର୍ଯ୍ୟାସ୍ତରେ ହୃଷିକେଶ, ସାୟଂକାଳରେ ମାଧବ, ଅର୍ଦ୍ଧରାତ୍ରରେ ପଦ୍ମନାଭ, ଶେଷଯାମରେ ଶ୍ରୀବତ୍ସଲାଞ୍ଛନ,ଉଷାକାଳରେ ଜନାର୍ଦ୍ଦନ, ସୂର୍ଯ୍ୟୋଦୟରେ ଶ୍ରୀ ଦାମୋଦର ଓ ତ୍ରିସଂନ୍ଧ୍ୟାରେ କାଳମୂର୍ତ୍ତି ଭଗବାନ ବିଶେଶ୍ୱର ମୋତେ ରକ୍ଷା କରନ୍ତୁ । ବିଷ୍ଣୁ ଆୟୁଧ ସୁଦର୍ଶନ ଚକ୍ର ଓ ବାହନ ଶ୍ରୀବୈନତେୟ ମୋର ଶତ୍ରୁଶକ୍ତି ନାଶ କରନ୍ତୁ । କୌମୁଦକୀ ଗଦା ଯକ୍ଷ,ରକ୍ଷ, ଭୂତ ପ୍ରେତାଦି ବିନାଶ କରନ୍ତୁ । ଭଗବାନଙ୍କ ଢାଲ ତରବାରୀ ଦ୍ୱାରା ଶତ୍ରୁର ଦୃଷ୍ଟିଶକ୍ତି ଲୋପହେଉ, ସ୍କନ୍ଧ ଛିନ୍ନ ହେଉ । ଅହିତାକାଂକ୍ଷୀ ନର, ସରୀସୃପ, ହିଂସ୍ରଜନ୍ତୁ, ଭୂତପ୍ରେତାଦି ପରମ ପବିତ୍ର ଶ୍ରୀକୃଷ୍ଣ ନାମରୂପକ ଅସ୍ତ୍ରଦ୍ୱାରା ସମ୍ପୂର୍ଣ୍ଣ କ୍ଷୟଯାନ୍ତୁ । ସେହି ସର୍ବଜ୍ଞ, ସର୍ବବ୍ୟାପୀ, ମାୟାମୟ ଶ୍ରୀହରି ସର୍ବଦା, ସର୍ବରୂପରେ ସର୍ବତ୍ର ରକ୍ଷା କରନ୍ତୁ । ଭଗବାନ ନୃସିଂହ ଆମକୁ ସର୍ବଦିଗରୁ ରକ୍ଷା କରନ୍ତୁ । ବ୍ରହ୍ମା କହିଲେ ହେ ଇନ୍ଦ୍ର, ମୁଁ ତୁମକୁ ନାରାୟଣ କବଚ ଶୁଣାଇଲି, ଏହି ଅମୋଘ କବଚ ଦ୍ୱାରା ତୁମେମାନେ ସୁରକ୍ଷିତ ରହି ଯୁଦ୍ଧ ଜିଣିପାରିବ । ଏହି କବଚଧାରୀ ପୁରୁଷ ଯାହାକୁ ଚାହିଁଦେଲେ କିମ୍ୱା ସ୍ପର୍ଶ କରିଦେଲେ ସେମାନେ ସମସ୍ତ ବିପଦ ଭୟରୁ ମୁକ୍ତ ହୋଇଯାଆନ୍ତି । ଏହି କବଚଧାରୀ ଜଣେ କୌଶିକ ଗୋତ୍ରୀ ବ୍ରାହ୍ମଣ ମରୁଭୂମିରେ ଯୋଗସାଧି ଜୀବନ ତ୍ୟାଗକଲେ । ଦିନେ ଗନ୍ଧର୍ବରାଜ ଚିତ୍ରରଥ ସସ୍ତ୍ରୀକ ସେହି ସ୍ଥାନ ଉପରେ ଯାଉଥିବା ସମୟରେ ଭୂପତିତ ହେଲେ । ବାଳଖିଲ୍ୟା ଋଷିଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ସେ ବ୍ରାହ୍ମଣର ଅସ୍ଥିକୁ ନେଇ ସରସ୍ୱତୀ ତୀର୍ଥରେ ବିସର୍ଜନ କରିବାପରେ ସ୍ୱସ୍ଥାନକୁ ଫେରିଥିଲେ । ଦେବରାଜ ଇନ୍ଦ୍ର ଅତ୍ୟନ୍ତ ଶ୍ରଦ୍ଧାର ସହ ଏହି କବଚ ଧାରଣ କରିବା ପରେ ଅସୁରମାନଙ୍କ ଉପରେ ବିଜୟ ପ୍ରାପ୍ତ ହୋଇ ତ୍ରିଲୋକ୍ୟ ଲକ୍ଷ୍ମୀ ଭୋଗ କଲେ।

### ୯ମ ଅଧ୍ୟାୟ

### ॥ ବୃତାସୁରର ଆବିର୍ଭାବ ॥

ବିଶ୍ୱରୂପଙ୍କର ତିନି ମୁଖ ମଧ୍ୟରୁ ଗୋଟିଏରେ ସୋମରସ, ୨ୟରେ ସୁରା ଏବଂ ୩ୟ ମୁଖରେ ଅନ୍ନ ଭକ୍ଷଣ କରୁଥିଲେ । ଏହାଙ୍କ ମାତା ଅସୁର କୁଳରେ ହୋଇଥିବା କାରଣରୁ ଗୁପ୍ତରେ ସେ ଯଜ୍ଞଭାଗ ଅସୁରମାନଙ୍କୁ ପ୍ରଦାନ କରୁଥିଲେ । ଦେବରାଜ ଇନ୍ଦ୍ର ଏହା ଲକ୍ଷ୍ୟ କରି ତାଙ୍କର ସୋମରସ ପାନ କରୁଥିବା ମସ୍ତକକୁ ଛେଦନ କଲେ ଯାହା କପିଞ୍ଜଳ ବା ଚାତକପକ୍ଷୀ ହେଲା, ସୁରାପାୟୀ ମସ୍ତକ କଳବିଙ୍କ ଓ ଅନ୍ନ ଭକ୍ଷଣକାରୀ ମସ୍ତକ ତିତ୍ତରୀ ବା ଶୁକପକ୍ଷୀ ହେଲା । ଇନ୍ଦ୍ର ଦେବତାଙ୍କ ଛଳରେ ଆତ୍ମହତ୍ୟା କରିଥିବାରୁ ତାଙ୍କର ସେହି ପାତକ ପୃଥିବୀ, ଜଳ, ବୃକ୍ଷ ଏବଂ ସ୍ତ୍ରୀମାନଙ୍କଦକ ମଧ୍ୟରେ ବାଣ୍ଟି ହୋଇଗଲା । ପୃଥିବୀରେ ତାହା ଉଷର ଭୂମି, ବୃକ୍ଷରେ ଅଠା, ସ୍ତ୍ରୀମାନଙ୍କ ମଧ୍ୟରେ ମାସିକ ଋତୁସ୍ରାବ ଏବଂ ଜଳରେ ଫେଣ ଓ ବୁଦବୁଦ ରୂପରେ ଆତ୍ମ ପ୍ରକାଶ କଲା । ବିଶ୍ୱରୂପଙ୍କର ମୃତ୍ୟୁପରେ ତାଙ୍କର ପିତା ତ୍ୱଷ୍ଟା କ୍ରୋଧିତ ହୋଇ ଇନ୍ଦ୍ର ବିନାଶ ନିମନ୍ତେ ଯଜ୍ଞକଲେ । ସେହି ଯଜ୍ଞରୁ ବୃତ୍ତ ନାମକ ଏକ ଅସୁରର ଉତ୍ପତ୍ତି ହେଲା । ସେ ଦେବଲୋକ ଆକ୍ରମଣ କରିବାରୁ ଭୟରେ ଦେବତାମାନେ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ବିଷ୍ଣୁଙ୍କ ପରାମର୍ଶ କ୍ରମେ ଋଷି ଦଧୀଚିଙ୍କୁ ସନ୍ତୁଷ୍ଟ କରି ତାଙ୍କ ଅସ୍ଥିରେ ବିଶ୍ୱକର୍ମାଙ୍କ ଦ୍ୱାରା ଅସ୍ତ୍ର ନିର୍ମାଣ କଲେ ।

### ୧୦ମ ଅଧ୍ୟାୟ

### ॥ ଦଧୀଚିଙ୍କ ଅସ୍ଥି ସଂଗ୍ରହ ॥

ଦେବତାମାନେ ଶ୍ରୀହରିଙ୍କ ଉପଦେଶ କ୍ରମେ ଦଧୀଚିଙ୍କ ଆଶ୍ରମରେ ପହଞ୍ଚି ଆସିବାର ଅଭିପ୍ରାୟ ଜଣାଇଲେ । ମୁନି ଯୋଗବଳରେ ଜାଣିପାରିଲେ ଯେ ତାଙ୍କର ଅସ୍ଥି ଦେବତା ତଥା ବିଶ୍ୱର ଶାନ୍ତି ନିମନ୍ତେ ଉପଯୋଗ ହେବ ଏଣୁ ହସି ହସି ସେ ନିଜର ଅସ୍ଥି ଦେବାକୁ ସମ୍ମତ ହେଲେ । ସେ ଦେବତାମାନଙ୍କୁ ଧର୍ମବାଣୀ ଶୁଣାଇ ଯୋଗଧ୍ୟାନରେ ବସି ଶରୀର ତ୍ୟାଗକଲେ । ଦେବତାମାନେ ମୁନିଙ୍କ ମୃତ ଶରୀରକୁ ନେଇ ବିଶ୍ୱକର୍ମାଙ୍କ ଦ୍ୱାରା ଅସ୍ତ୍ର ତିଆର କରି ଯୁଦ୍ଧରେ ପ୍ରବୃତ୍ତ ହେଲେ । ଏହାପରେ ଯୁଦ୍ଧରେ ଗତି ବଦଳିଗଲା ଫଳରେ ବୃତ୍ରାସୁରର ସୈନିକମାନେ ଛତ୍ରଭଙ୍ଗ ଦେବାରୁ ବୃତ୍ତ ସେମାନଙ୍କୁ ବୁଝାଇଲା, ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । କେବଳ ବ୍ରହ୍ମଚିନ୍ତନ ନଚେତ୍ ଯୁଦ୍ଧ ଭୂମିରେ ମୃତ୍ୟୁରେ ସଦଗତି ପ୍ରାପ୍ତ ହୁଏ ଏଣୁ ଭୀରୁ ପରି ତୁମେମାନେ ପଳାୟନ କରନାହିଁ ।

### ୧୧ଶ ଅଧ୍ୟାୟ

### ॥ ବୃତ୍ରାସୁର ସହ ଯୁଦ୍ଧ ଓ ବୀରବାଣୀ ॥

ସୈନିକମାନେ ବୃତ୍ରାସୁରର କଥା ନଶୁଣି ପଳାୟନ କରିବାରୁ ଦେବତାମାନେ ସେମାନଙ୍ଗକୁ ଗୋଡାଇ ବଧ କରିବାରୁ ବୃତ୍ରାସୁର କହିଲା, ତୁମେମାନେ କିଦେବତା ଯେ ପଛରୁ ଗୋଡାଇ ମାରୁଛ ? ହେ ଇନ୍ଦ୍ର ତୁ ଏଭଳି ପାପିଷ୍ଠ ଯେ ସ୍ୱର୍ଗ ଭୋଗ ପାଇଁ ମୋ ନିଷ୍ପାପ ଭାଇ ଯିଏ କି ତୋ ଗୁରୁ ତାଙ୍କୁ ପଶୁପରି ବଧ କଲୁ । ମୁଁ ଏବେ ତୋର ମସ୍ତକ କାଟି ପଶୁପକ୍ଷୀଙ୍କ ଖାଦ୍ୟ ନିମନ୍ତେ ପ୍ରଦାନ କରିବି କାରଣ ତୋ ଶରୀରକୁ ଅଗ୍ନି ମଧ୍ୟ ଭକ୍ଷଣ କରିବ ନାହିଁ । ଇନ୍ଦ୍ର ରାଗିଯାଇ ବୃତ୍ରାସୁର ଉପରେ ଗଦା ପ୍ରହାର କରିବାରୁ ସେ ଗଦା ଧରିନେଇ ଐରାବତ ଉପରେ ପ୍ରହାର କରିବାରୁ ସେ କ୍ଷତାକ୍ତ ହୋଇ ଅଚେତ ହୋଇଗଲା । ଇନ୍ଦ୍ର ତାଙ୍କୁ ଅମୃତ ସିଞ୍ଚନ ଦ୍ୱାରା ସଚେତ କରାଇ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କରିବାରୁ ବୃତ୍ରାସୁର କହିଲେ ହେ ଇନ୍ଦ୍ର ତୁମେ ମୋ ଉପରେ ଦଧୀଚି ମୁନିଙ୍କ ଶରୀରରୁ ନିର୍ମିତ ବଜ୍ର ପ୍ରହାର କର ଫଳରେ ମୋ ଶରୀରର ବାସନା କଟିଯିବ । ମୁଁ ଏହି ଶରୀରକୁ ପଶୁପକ୍ଷୀମାନଙ୍କୁ ଅର୍ପଣ କରି ତ୍ରିଗୁଣ ମୁକ୍ତ ହୋଇଯିବି ଓ ପରମଗତି ପ୍ରାପ୍ତ ହେବି । ଏହାପରେ ବୃତ୍ରାସୁର ଭଗବାନଙ୍କୁ ସ୍ତୁତି କଲା, ହେ ପ୍ରାଣବଲ୍ଲଭ ଏ ଯୁଦ୍ଧ ଜିଣି ମୁଁ ସ୍ୱର୍ଗଭୋଗ କରିବାକୁ ଚାହୁଁନାହିଁ । ଯଦି ମୋର ପୁନର୍ଜନ୍ମ ହୁଏ ତାହାଲେ ଆପଣଙ୍କ ସେବା ହିଁ ପ୍ରାପ୍ତହେଉ । ଜନ୍ମ ମୃତ୍ୟୁ ଚକ୍ରରେ ଘୁରିବାକୁ ମୋର ଭୟ ନାହିଁ କେବଳ ଯେଉଁ ଜନ୍ମ ବି ପାଏ ଆପଣଙ୍କ ସେବା ମୋତେ ମିଳୁ । ବିଷୟାଭୋଗୀଙ୍କ ସହ ମୋର ସମ୍ପର୍କ ନହେଉ । ଆପଣଙ୍କ ଦର୍ଶନ ନିମନ୍ତେ ହୃଦୟ ବ୍ୟଗ୍ର ହେଉଥାଉ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଉପହାସ ହେଉଛି ବାଣୀର ଅପମାନ



ଶ୍ୱେତା ରାଉତ୍

ଆଦ୍ୟାଶକ୍ତି ସରସ୍ୱତୀଙ୍କ ବାକ୍ ଶକ୍ତିରୁ ବ୍ରହ୍ମା ସୃଷ୍ଟିର ସର୍ଜନା କରିଥିଲେ। ମନୁଷ୍ୟର ଜିହ୍ୱା ଅଗ୍ରଭାଗରେ ମା ସରସ୍ୱତୀ ବାସ କରନ୍ତି ବୋଲି ତାଙ୍କୁ ବାଣୀର ଦେବୀ ବା ବାକ୍ ଦେବୀ କୁହାଯାଏ। ସେଥିପାଇଁ ଆମେ ଯାହା କହୁଛେ ଭାବିଚିନ୍ତି କହିବା ଉଚିତ୍,ନହେଲେ ବାଣୀର ଅପମାନ ବା ସରସ୍ୱତୀଙ୍କ ଅପମାନ ହୋଇଥାଏ। ବାଣୀ ଯେତେବେଳେ ଅନ୍ୟକୁ ଉପହାସ କରିବା ଭଳି କୁକର୍ମ କରେ ତା'ର ଫଳ ସ୍ୱରୂପ ଅଭିଶାପ ଭଳି ଦଣ୍ଡ ଭୋଗିବାକୁ ପଡେ।

ଆପଣମାନେ ଅଷ୍ଟବକ୍ର ଋଷିଙ୍କ। କଥା ଶୁଣିଥିବେ, ଦେବତା ତାଙ୍କର ବକ୍ର ଶରୀରକୁ ଦେଖି ଉପହାସ କରିଥିଲେ ବୋଲି ଦେବତାଙ୍କୁ ଋଷିଙ୍କ ଅଭିଶାପ ଅନୁଯାୟୀ ସର୍ପ ହେବାକୁ ପଡ଼ିଥିଲା। ଦ୍ୱାପର ଯୁଗରେ କୃଷ୍ଣଙ୍କ ପାଦ ସ୍ପର୍ଶ ପାଇ ମୁକ୍ତି ଲଭିଥିଲେ। ମହାଭାରତରେ ଦ୍ରୌପଦୀ ତାଙ୍କ ବାଣୀର ଦୁରୂପଯୋଗ କରି ଦୁର୍ଯ୍ୟୋଧନକୁ 'ଅନ୍ଧର ପୁଅ ଅନ୍ଧ' ବୋଲି କହି ଉପହାସ କରିଥିଲେ ଓ ଦୁର୍ଯ୍ୟୋଧନକୁ ଏକଥା ବହୁତ ବାଧିଥିଲା ବୋଲି ପ୍ରତିଶୋଧ ପରାୟଣ ହୋଇ ପଶା ଖେଳରେ ପାଣ୍ଡବଙ୍କ ସହିତ ଦ୍ରୌପଦୀକୁ ବାଜି ଲଗାଇ ନିର୍ବସ୍ତ୍ର କରିବାକୁ ଉଦ୍ୟମ କରିଥିଲା। ଛୋଟିଆ ଶବ୍ଦଟିଏ ପାଇଁ ମହାଭାରତ ଯୁଦ୍ଧ ହୋଇଥିଲା। ତେଣୁ ବାଣୀର ପ୍ରଭାବ ବହୁତ ହୋଇଥାଏ, କାରଣ ବାଣୀରେ ବିଣାପାଣୀ ଥାଆନ୍ତି।

ଯଦି ଆପଣ ବାରମ୍ୱାର କୌଣସି କାର୍ଯ୍ୟ କରିବା ପୂର୍ବରୁ ହେବନାହିଁ ହେବନାହିଁ ବୋଲି ବାରମ୍ୱାର କହିବେ, ସେ କାର୍ଯ୍ୟ ବାସ୍ତବରେ ହେବ ନାହିଁ, ଦୁଃଖରେ ଅଛି ବୋଲି ବାରମ୍ୱାର କହିହେଲେ ବାସ୍ତବରେ କେବଳ ଦୁଃଖ ହିଁ ଜୀବନରେ ରହିବ। କାହାର ଖରାପ ଗୁଣକୁ ବାରମ୍ୱାର କହୁଥିଲେ, ନିଜର ସ୍ୱଭାବ ଖରାପ ହୋଇଯିବ। ମଣିଷର ବିଚାର ଆଉ ବାଣୀ ସବୁବେଳେ ଶୁଭ ଓ ଯୁକ୍ତାତ୍ମକ ହେବା ଆବଶ୍ୟକ। ଆମେ କାହାକୁ, କେଉଁଠି କଣ କହୁଛନ୍ତି ଭାବିଚିନ୍ତି କହିବା ଉଚିତ୍, କାରଣ ବାଣୀ ଆମ ବିଚାରର ପ୍ରତିଫଳନ ହୋଇଥାଏ।

ଆମେ କାହାକୁ ସାହାଯ୍ୟ ନକଲେ ନାହିଁ, ମିଠା କଥା ପଦେ ଯଦି ବି କହିବାକୁ ଚାହାନ୍ତି ନାହିଁ ଚଳିବ, ହେଲେ କାହାକୁ ଉପହାସ କରି ନିଜ ହୀନମନ୍ୟତାର ପରିଚୟ ଦେଇ ପରିସ୍ଥିତିକୁ ଭୟାବହ କରି ସମ୍ପର୍କ ଭିତରେ ତିକ୍ତତା ଆଣିବା କିଛି ଆବଶ୍ୟକତା ନାହିଁ। ଓଡ଼ିଆ ସାହିତ୍ୟ ବହିରେ ପିଲାଦିନୁ ଆମେ ପଢ଼ିଛେ'ମଧୁର ବିନୟ ବଚନ,କହି ତୋଷିବ ଜନ ମନ'। ସଂସ୍କୃତରେ ବି ପଢିଛେ 'ପ୍ରିୟ ବାକ୍ୟ ପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତ୍ୱଃ, ତସ୍ମାତ ତଦେବ ବକ୍ତବ୍ୟଂ ବଚନେ କା ଦରିଦ୍ରତା'। ବାସ୍ତବରେ ଆମ ବାଣୀର ଆମେ ସମ୍ମାନ କରୁଛେ କି କାହାର ଉପହାସ କରି ଅପମାନ କରୁଛେ ତାହା ନିଜକୁ ପଚାରି ନିଶ୍ଚୟ ଅନୁଭବ କରିବା ଉଚିତ୍।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ବାୟୁ ପ୍ରଦୂଷଣ କରିପାରେ ଏହି ସବୁ ଜଟିଳ ରୋଗ

**ଦିନକୁ ଦିନ ବଡ଼ ବଡ଼ ସହରରେ ପ୍ରଦୂଷଣ ମାତ୍ରା ବଢି ଚାଲିଛି। ଦିଲ୍ଲୀର ଅବସ୍ଥା ଏବେ ସାଙ୍ଘାତିକ। ଦିଲ୍ଲୀ ପବନ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟି ଯାଇଛି। କାରଣ ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ୫୦୦ ଛୁଇଁଲାଣି, ଯାହା ଅତ୍ୟନ୍ତ ଗମ୍ଭୀର। ତେବେ ପ୍ରଦୂଷିତ ବାୟୁ ଅଞ୍ଚଳରେ ରହିବା ଦ୍ୱାରା କେଉଁ କେଉଁ ସ୍ୱାସ୍ଥ୍ୟ ସମସ୍ୟା ହୁଏ, ଜାଣନ୍ତୁ...**



ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗ- ବାୟୁ ପ୍ରଦୂଷଣ ଫୁସଫୁସକୁ ଅଧିକ କ୍ଷତି ପହଞ୍ଚାଇଥାଏ। ଏହା ଆଜମା, ବ୍ରୋଙ୍କାଇଟିସ୍, କ୍ରନିକ୍ ଅବଷ୍ଟ୍ରକ୍ଟିଭ୍ ପଲମନାରୀ ରୋଗ , ଫୁସଫୁସ ବ୍ୟାଧି ସୃଷ୍ଟି କରିପାରେ।

ହୃଦ୍ ରୋଗ- ବାୟୁ ପ୍ରଦୂଷଣ ହୃଦଘାତର ଆଶଙ୍କାକୁ ବଢାଇପାରେ। ଏହା ହୃଦଘାତ, ଷ୍ଟ୍ରୋକ ଏବଂ ହୃଦଘାତ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ।

କର୍କଟ- ବାୟୁ ପ୍ରଦୂଷଣ ଗମ୍ଭୀର ହେଲେ ଏହା ଫୁସଫୁସ କର୍କଟ ଭଳି ମାରାତ୍ମକ ସମସ୍ୟା କରିପାରେ। ଦୀର୍ଘ ଦିନ ଧରି ଫୁସଫୁସ ସମସ୍ୟା ଲାଗି ରହିବା ଫଳରେ କର୍କଟ ହେବାର ଆଶଙ୍କା ବଢିଯାଏ।

ଚର୍ମ ରୋଗ- ବାୟୁ ପ୍ରଦୂଷଣ ଚର୍ମ ଉପରେ କୁପ୍ରଭାବ ପକାଏ। ଏହାଦ୍ୱାରା ଚର୍ମ ଜ୍ୱଳନ, କୁଞ୍ଚନ ଏବଂ ଆଲର୍ଜି ହୋଇପାରେ।

ଚକ୍ଷୁ ସମସ୍ୟା- ବାୟୁ ପ୍ରଦୂଷଣ ଆଖି ଉପରେ ମଧ୍ୟ କୁପ୍ରଭାବ ପକାଇପାରେ। ଏହା ଦ୍ୱାରା ଆଖିରେ ଜ୍ୱଳନ ହେବା ସହ କୁଞ୍ଚନ, ଶୁଷ୍କତା ଏବଂ ପାଣି ଗଡ଼ିପାରେ।

ବନ୍ଧ୍ୟାକରଣ- ବାୟୁ ପ୍ରଦୂଷଣର ସବୁଠୁ ମାରାତ୍ମକ ପ୍ରଭାବ ହେଉଛି ବନ୍ଧ୍ୟାକରଣ। ଏହା ପ୍ରଜନନ କ୍ଷମତା ଉପରେ କୁପ୍ରଭାବ ପକାଇପାରେ।

ପିଲାମାନଙ୍କର ବିକାଶରେ ବାଧକ- ବାୟୁ ପ୍ରଦୂଷଣ ପିଲାମାନଙ୍କର ଶାରୀରିକ ବିକାଶ ଉପରେ ପ୍ରଭାବ ପକାଇପାରେ। ଏହା ସେମାନଙ୍କ ଫୁସଫୁସର ବିକାଶକୁ ହ୍ରାସ କରିପାରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ଦୁର୍ବଳ କରିପାରେ।

ଗର୍ଭସ୍ଥ ଶିଶୁ ଉପରେ କୁପ୍ରଭାବ- ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ବାୟୁ ପ୍ରଦୂଷଣର କୁପ୍ରଭାବ ପଡିପାରେ। ଏହା ଦ୍ୱାରା ସମୟ ପୂର୍ବରୁ ଅର୍ଥାତ୍ ୯ ମାସ ପୂର୍ବରୁ ପିଲା ଜନ୍ମ, ପିଲାର ଓଜନ କମ୍ ଏବଂ ଶିଶୁର ମୃତ୍ୟୁ ମଧ୍ୟ ହୋଇପାରେ।

# ଘରେ ତିଆରି କରନ୍ତୁ ମସରୁମର ଏହି ସୁନ୍ଦର ରେସିପି



ଆବଶ୍ୟକ ସାମଗ୍ରୀ: ଛତୁ, ଆଳୁ, ଅଦା, ପିଆଜ, ରସୁଣ ଛେଚା, କଟା କଞ୍ଚାଲଙ୍କା, କଟା ଧନିଆ ପତ୍ର, କର୍ଣ୍ଣଫ୍ଲୋର ପାଉଡର, ବେସନ, ଲଙ୍କା ଗୁଣ୍ଡ, ସୋୟା ସସ୍, ଟମାଟୋ ସସ୍,ଚିଲ୍ଲି ସସ୍, ଭିନେଗାର, ଚାଇନା ସଲ୍ଟ, ବ୍ରେଡ୍ କ୍ରମ୍ବ, ଲୁଣ ଓ ରିଫାଇନ୍ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଭଲଭାବେ ଧୋଇ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାପରେ ୨ଟି ଆଳୁକୁ ପ୍ରେସର କୁକରରେ ସିଝାଇ ଏକ ପାତ୍ରରେ ରଖନ୍ତୁ। ଛତୁରେ ପିଆଜ,ରସୁଣ,ଅଦା ଛେଚାର ମିଶ୍ରଣକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କର୍ଣ୍ଣଫ୍ଲୋର,ଅଳ୍ପ ବେସନ,ଚାଇନା ସଲ୍ଟ,ସୋୟା ସସ୍,ଟମାଟୋ ସସ୍,ଚିଲ୍ଲି ସସ୍, ଲଙ୍କା ଗୁଣ୍ଡ,ଅଳ୍ପ ଲୁଣ, ଭିନେଗାର ଓ ଅଳ୍ପ ପାଣି ପକାଇ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡେଇ ରଖି ଦିଅନ୍ତୁ । ମନେରଖନ୍ତୁ ମିଶ୍ରଣଟି ବହଳିଆ ଓ ଶୁଖିଲା ରହିବ। ବେଶୀ ପାଣି ପକାଇବେ ନାହିଁ। ଅଧଘଣ୍ଟା ପରେ ଏହି ମିଶ୍ରଣକୁ କାଢି ସେଥିରେ ସିଝା ଆଳୁକୁ ଚକଟି ଦିଅନ୍ତୁ।ଏହାପରେ ସେଥିରେ ଗୋଲ ଗୋଲ୍ ଚପ୍ ଆକାରର ଗଢି ଏକ ପାତ୍ରରେ ରଖନ୍ତୁ। ଏହାପରେ ବ୍ରେଡ୍ କ୍ରମ୍ବରେ ଚପ୍ ଗୁଡିକ ମିଶାଇ ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଚପ୍ ଗୁଡିକ ତେଲରେ ପକାନ୍ତୁ। ଚପ୍‌ର ୨ ପଟ ଗୋଲଡ୍ଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ।ଏହିପରି ସବୁ ଚପ୍ ଗୁଡିକ ଛାଣିବା ପରେ ଚୁଲି ବନ୍ଦ କରି ଚପ୍ ଗୁଡିକ ଏକ ପାତ୍ରରେ ରଖନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ମସରୁମ୍ କଟଲେଟ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୧ ନଭେମ୍ବର ୨୦୨୪, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରମାଣୁ ଶକ୍ତି ପ୍ରସ୍ତାବ...

ଅନ୍ତର୍ଜାତୀୟ ସ୍ତରରେ ଅନେକ ଆଲୋଚନା ଓ ବିମର୍ଶ ପରେ ୨୦୧୫ ମସିହାରେ ପ୍ୟାରିସ୍‌ଠାରେ ଅନୁଷ୍ଠିତ ଜଳବାୟୁ ସମ୍ମିଳନୀରେ ଏକ ନିର୍ଦ୍ଧାରଣାତ୍ମକ ନିଷ୍ପତ୍ତି ନିଆଯାଇଥିଲା, ଯାହା 'ପ୍ୟାରିସ୍ ରାଜିନାମା' ନାମରେ ଜଣା। ଏବେର ପାରିବେଶିକ ସମସ୍ୟା ହେଉଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତତ୍‌ଜନିତ ଜଳବାୟୁ ପରିବର୍ତ୍ତନ। ଏହି ଶତାବ୍ଦୀୟର ଶେଷ ସୁଦ୍ଧା ପୃଥିବୀର ଉଷ୍ମତା ବୃଦ୍ଧିକୁ ଶିଳ୍ପ ସଭ୍ୟତା ଆରମ୍ଭ ସମୟ ତୁଳନାରେ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ପାଇଁ ସ୍ଥିର କରାଗଲା ଏବଂ ପ୍ରତ୍ୟେକ ଦେଶ ସେହି ଲକ୍ଷ୍ୟ ନେଇ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ଘୋଷଣା କରିଛନ୍ତି। ଏହାପରେ ଅନ୍ୟ ଏକ ଅଧିବେଶନରେ ୨୦୫୦ ମସିହା ସୁଦ୍ଧା ନେଟ୍ ଶୂନ ଉତ୍ସର୍ଜନ ହାସଲ କରିବା ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି। ବିଭିନ୍ନ ଉତ୍ସରୁ ବାୟୁମଣ୍ଡଳକୁ ଯେତିକି ପରିମାଣର କାର୍ବନ ନିର୍ଗତ ହୁଏ, ଯଦି ସେହି ପରିମାଣର କାର୍ବନ ପ୍ରାକୃତିକ ଉପାୟରେ ଅବଶୋଷିତ ହୁଏ, ତାହାହେଲେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ଆଉ ବୃଦ୍ଧି ପାଇବ ନାହିଁ। ଏହା ହେଉଛି ନେଟ୍ ଜିରୋ ବା ଶୂନ ଉତ୍ସର୍ଜନ। ପ୍ରତିବର୍ଷ ପୃଥିବୀର ସମସ୍ତ ଦେଶ ଗୋଟିଏ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରି ଏହାର ନିରାକରଣ ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିଥା'ନ୍ତି। ଏହା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍) ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ଗତବର୍ଷ ଦୁବାଇଠାରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ(କୋପ୍-୨୯) ଆଜରବାଇଜନର ରାଜଧାନୀ 'ବାକୁ'ଠାରେ ନଭେମ୍ବର ୧୧ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ବିଭିନ୍ନ ଦେଶର ସରକାରୀ ପ୍ରତିନିଧି, ଜଳବାୟୁ ବୈଜ୍ଞାନିକ, ଅଣ-ସରକାରୀ ସଂଗଠନର ସଭ୍ୟ ପ୍ରମୁଖ ଭାଗ ନେଉଛନ୍ତି। କାର୍ବନ ଉତ୍ସର୍ଜନର ଏକ ବଡ଼ ଭାଗ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ହୋଇଥାଏ। ଏଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନକୁ କ୍ରମଶଃ ହ୍ରାସ କରି ଅଧିକ ପରିମାଣରେ ଅଣ-ଜୀବାଶ୍ମ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଗୁରୁତ୍ୱ ଦିଆଯାଉଛି। ଦୁଇଟି ପ୍ରମୁଖ ଅଣ-ଜୀବାଶ୍ମ ଓ ଅକ୍ଷୟ ଶକ୍ତି ଉତ୍ସ ହେଉଛି ପବନ ଶକ୍ତି ଓ ସୌର ଶକ୍ତି। କିନ୍ତୁ ଏହି ଦୁଇ ଉତ୍ସ ପ୍ରକୃତି ଉପରେ ନିର୍ଭରଣ କରିଥାଏ ଏବଂ ସମସ୍ତ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ଏହା ପରିପୂରଣ କରିପାରିବା ସମ୍ଭବ ନୁହେଁ। ଅନ୍ୟ ଏକ ବିକଳ୍ପ ଅଣ-ଜୀବାଶ୍ମ ଉତ୍ସ ହେଉଛି ପରମାଣୁ ଶକ୍ତି। ପରମାଣୁ ବିଭାଜନ ପ୍ରକ୍ରିୟାରେ ଅଳ୍ପ ପରିମାଣର ୟୁରାନିୟମରୁ ଅଧିକ ପରିମାଣର ବିଦ୍ୟୁତ୍ ଉତ୍ପାଦିତ ହୋଇପାରୁଛି। ଏଣୁ 'ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା' (ଆଇଏଇଏ) ପରମାଣୁ ବିଦ୍ୟୁତ୍ ଶକ୍ତିର ବହୁଳ ବ୍ୟବହାର ପାଇଁ 'କପ୍-୨୯'କୁ ଏକ ପ୍ରସ୍ତାବ ଦେଇଛି। ଏହାର ମହାନିର୍ଦ୍ଦେଶକ ରାଫେଲ ମେରିଆନୋ ଗ୍ରୋସି ନିଜେ ସମ୍ମିଳନୀରେ ଉପସ୍ଥିତ ରହି ଏହି ପ୍ରସ୍ତାବ ଆଗତ କରିଛନ୍ତି। ସେ ଦୃଢ଼ ଭାବରେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ପ୍ରତିକାର ପାଇଁ ପରମାଣୁ ଶକ୍ତି ହେଉଛି ଏକ ଉତ୍ତମ ବିକଳ୍ପ। ବାକୁର ପାଭିଲିୟନ୍‌ରେ ପରମାଣୁ ବ୍ୟବହାର ପ୍ରଦର୍ଶନ ସହିତ ଏହାର ଅଭିଜ୍ଞ ଇଞ୍ଜିନିୟର ଓ ବୈଜ୍ଞାନିକମାନେ ନେଟ୍-ଜିରୋ ଉତ୍ସର୍ଜନ ପାଇଁ ପରମାଣୁ ବିଦ୍ୟୁତ୍‌ର ଅବଦାନକୁ ବୁଝାଉଛନ୍ତି। 'କୋପ୍-୨୮'ରେ ନେଟ୍-ଜିରୋ ପାଇଁ ପରମାଣୁ ଶକ୍ତିର ଉପଯୋଗିତା ପାଇଁ ବିଭିନ୍ନ ରାଷ୍ଟ୍ରର ନେତାମାନେ ସହମତ ହୋଇଥିଲେ। ଏଣୁ କୋପ୍ ୨୯ରେ ଏଥିପାଇଁ ଏକ ବିଧିବଦ୍ଧ ନିଷ୍ପତ୍ତି ଓ ଘୋଷଣା ପାଇଁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ପ୍ରସ୍ତାବ ଦେଇଛି। ଯେଉଁ ଦେଶରେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନାହିଁ କିମ୍ବା ସେମାନଙ୍କ ପାଖରେ ଏହାର ପ୍ରଯୁକ୍ତିବିଦ୍ୟା ନାହିଁ, ସେହି ଦେଶଗୁଡ଼ିକରେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନରେ ସାହାଯ୍ୟ କରିବା ପାଇଁ ଏହା ମଧ୍ୟ ଘୋଷଣା କରିଛି। ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଚଳିତ ବର୍ଷ ମାର୍ଚ୍ଚ ମାସରେ ବେଲଜିୟମ ସରକାରଙ୍କ ସହିତ ମିଶି ସେଠାକାର ବ୍ରସେଲ୍‌ସଠାରେ ପ୍ରଥମ 'ଆଣବିକ ଶକ୍ତି ସମ୍ମିଳନୀ' ଆୟୋଜନ କରିଥିଲା। ଏଥିରେ ତିରିଶରୁ ଅଧିକ ଦେଶର ନେତା ଏକାଠି ହୋଇ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ପରମାଣୁ ବିଦ୍ୟୁତ୍ ଉପରେ ପୁଞ୍ଜି ନିବେଶ କରିବା ପାଇଁ ନିଷ୍ପତ୍ତି କରିଥିଲେ। 'କୋପ୍ ୨୯'ରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ପ୍ରସ୍ତାବ ଦେଇଛି ଯେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପୁଞ୍ଜି ବିନିଯୋଗ ହେବା ଦରକାର। ୧୯୫୧ ମସିହାରେ ପୃଥିବୀର ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଥିଲା। ଫଳରେ ଆମ ପାଖରେ ଏହି ପ୍ରଯୁକ୍ତିବିଦ୍ୟାର ୭୫ ବର୍ଷର ଅଭିଜ୍ଞତା ଅଛି। ବର୍ତ୍ତମାନ ସମଗ୍ର ପୃଥିବୀରେ ତିରିଶଟି ଦେଶରେ ୪୪୦ଟି ପରମାଣୁ ରିଆକ୍ଟର କାର୍ଯ୍ୟ କରୁଛି ଏବଂ ଏଗୁଡ଼ିକର ମିଳିତ ପ୍ରତିଷ୍ଠିତ କ୍ଷମତା ହେଉଛି ୩, ୯୧, ୭୦୦ ମେଗାୱାଟ୍। ଏହା ହେଉଛି ପୃଥିବୀର ମୋଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ପ୍ରାୟ ୨୦ ପ୍ରତିଶତ। ସୂଚନାଯୋଗ୍ୟ ଯେ ମୋଟ୍ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୬୦ ପ୍ରତିଶତ ହେଉଛି ତାପଜ ବିଦ୍ୟୁତ୍। ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ପ୍ରତିକାର ନିମିତ୍ତ ଏହାକୁ ହ୍ରାସ କରାଯିବା ଆବଶ୍ୟକ।

# ନବ ଉତ୍କଳର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବ



### ବିଶ୍ୱବିଜୟୀ ଦାଶ

ଭାରତବର୍ଷର ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବମ୍ବେର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ଲେଖକ, ସାରସ୍ୱତ ସାଧକ, ନବ ଉତ୍କଳ ନିର୍ମାଣ ର ପୁରୋଧା କୀର୍ତ୍ତୀମାନ ଡ଼ଃ ହରେକୃଷ୍ଣ ମହତାବ।

ଡ଼ଃ ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡା ଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣ ଚରଣ ମହତାବ ଓ ମାତାଙ୍କ ନାମ ତୋହଫା ଦେବୀ।ତାଙ୍କର ମାଟ୍ରିକ ପଢ଼ା ଭଦ୍ରକ ହାଇସ୍କୁଲରେ ସମାପ୍ତ ହୋଇଥିଲା, ତାପରେ କଟକର ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ। ୧୯୨୧ ମସିହାରେ ପାଠ ପଢ଼ା ଛାଡ଼ି ଭାରତର ସ୍ୱାଧିନତା ସଂଗ୍ରାମ ରେ ନିଜକୁ ନିୟୋଜିତ କରିଥିଲେ। ୧୯୨୩-୨୪ରେ ଡ଼ଃ ମହତାବ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ। ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ।

୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ।

୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ। ୧୯୩୭ରେ ସେ ଓଡ଼ିଶା ରାଜ୍ୟ କଂଗ୍ରେସରେ ସଭାପତି ଭାବେ ଯୋଗଦାନ କରିଥିଲେ। ୧୯୩୮ରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ସଭ୍ୟରୂପେ ମନୋନୀତ ହୋଇଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପୂନର୍ବାର ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ।୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୫-୫୬ରେ ସେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୯୬୨ରେ ସେ ଅପ୍ରତିଦ୍ୱନ୍ଦୀ ଭାବେ ଲୋକ ସଭାକୁ ନିର୍ବାଚିତ

ହୋଇଥିଲେ। ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ।

କନିକା ଓ ରଣପୁର ପ୍ରଜାମେଳୀ ଓ ଓଡ଼ିଶାର ଗଡ଼ଜାତ ମିଶ୍ରଣରେ ଡ଼ଃ ହରେକୃଷ୍ଣ ମହତାବଙ୍କର ପ୍ରମୁଖ ଭୂମିକା ରହିଥିଲା।

ଓଡିଶା ଓ ଓଡ଼ିଶାବାସୀଙ୍କୁ ସର୍ବତ୍ର ଭାବେ ସୁରକ୍ଷିତ ରଖିବା ପାଇଁ ହୀରାକୁଦ ବନ୍ଧ ଥିଲା ତାଙ୍କର ଏକ ଅଭିନବ ପରିକଳ୍ପନା। ଓଡ଼ିଶାର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ଭଳି ପ୍ରକଳ୍ପର ପ୍ରତିଷ୍ଠା କରିଥିଲେ। ଡୁଡୁମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଆସ୍କାର ଚିନି କଳ, ପାରାଦୀପ ବନ୍ଦର, ଚୌଦ୍ୱାର ଲୁଗା କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ ପ୍ରତିଷ୍ଠା, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ବାରବାଟୀ ଷ୍ଟାଡିୟମ ନିର୍ମାଣ ଓ ଭୂବନେଶ୍ୱର ନୂଆ ରାଜଧାନୀ ପ୍ରତିଷ୍ଠା, ବିଧାନ ସୌଧ, ସଚିବାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

ଓଡ଼ିଶା ଅଲମ୍ପିକ ଆସୋସିଏସନର ସେ ପ୍ରତିଷ୍ଠାତା ସଭାପତି ଥିଲେ।

୧୯୨୩ ମସିହାରେ ସେ ସାପ୍ତହିକ ଖବରକାଗଜ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିଥିଲେ, ଯାହା ଏବେ ଦୈନିକ ପ୍ରକାଶ ପାଉଛି। ତାଙ୍କଦ୍ୱାରା ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠା ଓ 'ବିଷୁବ ମିଳନ' ଆୟୋଜନ ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେଇଛି। ସେ ଅନେକ ଉପନ୍ୟାସ ରଚନା କରିଥିଲେ ସେଗୁଡ଼ିକ ହେଲା ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା-୧୯୪୬, ତୃତୀୟ ପର୍ବ।

ତାଙ୍କ ଦ୍ୱାରା ଲିଖିତ କବିତା ସଂକଳନ ହେଲା ଚାରି ଚକ୍ଷୁ, ପଲାସୀ, ଅବସାନେ, ଶେଷ ଅଶ୍ରୁ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ ଆଦି।

ଡ଼ଃ ହରେକୃଷ୍ଣ ମହତାବଙ୍କ ଲିଖିତ ଓଡ଼ିଶା ଇତିହାସ, ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଗାନ୍ଧୀଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା, ଗାଁ ମଜଲିସ ଓ ଆଧୁନିକତା ଇତ୍ୟାଦି।ତାଙ୍କ ଆତ୍ମଜୀବନୀ ହେଲା 'ସାଧନାର ପଥେ'।

ଡ଼ଃ ହରେକୃଷ୍ଣ ମହତାବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଅନେକ ଥର ନିର୍ବାଚିତ ହୋଇଥିଲେ। ତାଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା, ତାହା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟେରେଟ ଉପାଧି ମିଳିଥିଲା।

ଡ଼. ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' ପୁସ୍ତକ ଲେଖିଥିଲେ। ଓଡ଼ିଶାର ପରାକ୍ରମୀ ଯୋଦ୍ଧାଙ୍କ ତ୍ୟାଗ, ତପସ୍ୟା, ବୀରତ୍ୱର ଗାଥା, ବୁଦ୍ଧିମାନ ସମାଜ ଉପରେ ଆଧାରିତ ଏହି ପୁସ୍ତକରେ କଳିଙ୍ଗ ଯୁଦ୍ଧ, ଖାରବେଳ ଶାସନ, ୧୮୧୭ର ପାଇକ ବିଦ୍ରୋହ, ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଓଡ଼ିଶା ପାଇଁ ତାଙ୍କର ଥିବା କଳ୍ପନା ଇତ୍ୟାଦି ବର୍ଣ୍ଣିତ। ସେହି ମହାନ୍ ଜନନାୟକଙ୍କର ବିୟୋଗ ୨ ଜାନୁୟାରୀ ୧୯୮୭ ମସିହାରେ ହୋଇଥିଲା। ଆଜି ତାଙ୍କର ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।




ଯୁବ ସ୍ତମ୍ଭକାର

ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ପତ୍ରିକା

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା

ପିନ୍- ୭୫୨୦୩୫

ମୋ: ୬୩୭୦୨୦୮୪୨୮


# ଉତ୍କଳ କେଶରୀ – ହରେକୃଷ୍ଣ ମହତାବ



### ଅକ୍ଷୟ କୁମାର ରାଉତ

ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପି ହୋଇ ଲୋପ ପାଇଯାଇଛନ୍ତି। ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର କାର୍ଯ୍ୟ ପାଲଟିଛି। ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆ ଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି। ଭୌଗୋଳିକ ଭାବରେ ଛିନ୍ନ ବିଚ୍ଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା। ଏହି ଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର। ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡାଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି। ପ୍ରଥମରୁ ସେ ମହତାବ ନଥିଲେ। ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା।

ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ। ଗାଁ ସ୍କୁଲରେ ପାଠପଢ଼ା ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ। ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କ ମା ଆରପାରିକୁ ଚାଲିଗଲେ। ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତା କଲେ। ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ। ବାହାଘର କେତେ ଦିନପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍ କରି କଟକ ରେଭେନ୍ସା କଲେଜରେ ନାଁ ଲେଖାଇଲେ। ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ। ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍‌ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ। ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍ କରି ସେହିଠାରେ ବି.ଏସ୍.ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ।

କଟକର ବାଖରାବାଦର 'ଭାରତୀ ମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶ ପ୍ରେମୀମାନଙ୍କର ଏକ କେନ୍ଦ୍ର। ଏଥିରେ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ। ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା। କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟ ସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ। ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ। ବାଲେଶ୍ୱରଠାରେ 'ସ୍ୱରାଜ୍ୟ ମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ। ବାଲେଶ୍ୱର କଂଗ୍ରେସ କମିଟିର ମହତାବ ହେଲେ ସମ୍ପାଦକ। କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗା ବୋପରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗ କଲେ ୨୫ ଟଙ୍କା ଜୋରିମାନା ଦେଇନପାରି। ଏହାଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ। ସ୍ୱାଧୀନତା ଆନ୍ଦୋଳନରେ ସେ ସାତ ଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗ କରିଛନ୍ତି। ମହତାବ ଭାଗଲପୁର ଜେଲ୍‌ରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ସେ ଜେଲ ସୁପରିଟେଣ୍ଡେଣ୍ଟଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ। ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଙ୍ଗ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ। ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳ ଲେଖାଟି ପୋଡି ଦେଇଥିଲା।

କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍ ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସ୍‌ରୁ ସାପ୍ତାହିକ 'ପ୍ରଜାତନ୍ତ' ପ୍ରକାଶ କରିଥିଲେ ମହତାବ। ୧୯୨୭ ମସିହାରେ ସାପ୍ତାହିକ ଆଡଭେଞ୍ଚର ପତ୍ରିକା ପ୍ରକାଶ କରିଥିଲେ। ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲ ବରଣ କରିଥିଲେ।

୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା। ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭି ସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକ ଠାରେ ହୋଇଥିଲା। ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା।

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିରହେଲା। ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡ ନେତାମାନଙ୍କୁ ଗିରଫ କରାଇ ନେଲେ। ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋର୍ଟ ଜେଲରେ ଦେଶର ବଡ ବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ। ସେଠାରେ ସେ 'ଓଡିଶା ଇତିହାସ' ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ। ଏହାଥିଲା ଓଡିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ।

୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ। ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା। ସେଥିରୁ କଂଗ୍ରେସ ୧୦ଟି ପାଇଥିଲା। ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ। ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ। କିନ୍ତୁ ମହତାବ ବହୁତ ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡକରି ହୀରାକୁଦ ବନ୍ଧ ତିଆରି କରିଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧନ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ। ୧୯୪୭ ନଭେମ୍ବର ୧୪ ତାରିଖରେ ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ। ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା। ଏହାର ବର୍ଷକ ପରେ ମୟୁରଭଞ୍ଜ ରାଜ୍ୟ ଓଡିଶାରେ ମିଶିଲା। ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା। ତାଙ୍କ ଏହି ସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଭାବେ ଯୋଗ ଦେବାକୁ। ବାସ୍ତବରେ ତାହାହିଁ ହୋଇଥିଲା। ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ।

୧୯୫୫ ମାର୍ଚ୍ଚ ୨ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ। ୧୯୫୬ ଅକ୍ଟୋବର ୧୯ ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ। ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇ ବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ।


୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ। ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ। ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ। ପରେ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫାଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କ ଜିତାଇ ବିଧାନସଭାକୁ ପଠାଇଥିଲେ। ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ। ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ। ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ମଧୁମିତ କଲ...

### ମହୀଜା ଦଳବେହେରା



ମଧୁମିତ କଲ ମଧୁ ଯାମିନୀ ମୋ ମଧୁଚୁମ୍ବନ ଯେ ବୋଳି
ରଜନୀ ଗନ୍ଧାରେ କକରୀ ସଜାଇ ହାତେ ଦେଇ ପ୍ରୀତିକଳି।

ଜାଣିତ ନଥିଲି ପ୍ରେମ ପରିଭାଷା ଏତେ ମାଦକତା ସତେ
ଅରପି ଦେଲ ଯେ ପୀରତି ବିଭୋରେ ଅତିସରାଗରେ ମତେ
ଅତି ସଂଗୋପନେ ପ୍ରୀତି ଉପବନେ ପ୍ରୀତିଫୁଲ ଦେଲ ତୋଳି।

ଆଜି ମଧୁମତେ ସାଥୀ ତୁମ ସାଥେ କେତେ ଶିହରଣ ଜାଗେ
ମନେ ଆଲପନା ଆଙ୍କେ ମୁଁ ଖିଆଲେ ସତେ କେତେ ଅନୁରାଗେ
ମତୁଆଲ ମନ ହୁଏ ଛନଛନ ପ୍ରୀତି ରେଣୁ ହୋଇ ବୋଳି।

ନିରାଶେ ଜୋଛନା ଯାଏ ଆଜି ଝରି ସାଥୀ ନାହିଁ ତୁମେ ସାଥେ
ପ୍ରୀତି ଭାରେ ଭରା ଏଇ ମନ ପରା ଖୋଜଇ ଜୋଛନା ରାତେ
ପରାଣ ବିଭୋର ପ୍ରୀତି ଜରଜର ନିଅ ବୁକେ ତୁମ ତୋଳି।


ପୀରତି ମଦିରା ପିଆଲା ପଢ଼ିଚି ଦିଅ ଆଉ ଭରି ଥରେ
ଆସରେ ଆସଗୋ ମୋର ପ୍ରିୟତମ ପ୍ରିୟା ପ୍ରିୟା ଡାକି ବାରେ
ଏତେ ମଧୁଝରା ଏମିତି ଜୀବନ ବିରହ ଦେଉଚି ଜାଳି।


+କଟକ

ମୋ:୯୪୩୭୦୬୨୦୦୩


### ପିତାମାତା ଯେଉଁଠି ସବୁ ସୁଖ ସେଇଠି

### ପ୍ରଶାନ୍ତ କୁମାର ରାଉଳ



ପୁଣ୍ୟ ବସୁଧା କୋଳେ
ଶୂନ୍ୟ ମୋହର ଜୀବନର ସର
ପୂର୍ଣ୍ଣ କଲା ଯା'ର ସ୍ନେହ ପ୍ରେମ ଜଳ,
ବେନିଙ୍କ ଅସୀମ ତ୍ୟାଗ ମହୀରୂହ
ଧୈର୍ଯ୍ୟ ସେବା କଲା ପରାଣ ଶୀତଳ
ଯା କୋଳେ ନେଲେ ବିଶ୍ରାମ
ହୃଦୟେ ବହେ ଆନନ୍ଦ ଲହରୀ,
ସବୁ ସୁଖ ତହିଁ ପଡଇ ଉଛୁଳି
ପିତା ମାତା ଯହିଁ ଥିଲେ।

ହତାଶା ବାଦଲ ହଟି ଆଶା ରବି
ପ୍ରାଣ ନଭେ ଖେଳେ ବିଶ୍ୱାସ ଛବି
ସଂସ୍କାର ଜ୍ୟୋତି ବଢାଏ ଧୃତି
ଘୋର ଅମା ଅନ୍ଧକାରେ,
ସବୁ ସୁଖ ତହିଁ ପଡଇ ଉଛୁଳି
ପିତା ମାତା ଯହିଁ ଥିଲେ।

ରଚି ତ୍ୟାଗର ପର୍ଣ୍ଣ କୁଟୀର
ସନ୍ତାନ ସୁଖେ ତୋଳି ଓଙ୍କାର,
ଲହୁ ଲୁହକୁ କରି ପୂର୍ଣ୍ଣାହୂତି
ଅନ୍ନପୂର୍ଣ୍ଣା ଆଗମନ ପ୍ରତୀକ୍ଷାରେ
ସବୁ ସୁଖ ତହିଁ ପଡଇ ଉଛୁଳି
ପିତା ମାତା ଯହିଁ ଥିଲେ।

ଜଣେ ଶିବ ଆନ ପାର୍ବତୀ
ଜଣେ ତପ ଧର୍ମ ଆନ ବସୁମତୀ,
ବିଷ୍ଣୁ ଭକତ ବନ୍ଧୁ ବାନ୍ଧବେ
ନିମନ୍ତ୍ରିଣ ସମାଦରେ
ଶରଣ ଯାନ୍ତି ଶ୍ରୀପୟରେ,
ସବୁ ସୁଖ ତହିଁ ପଡଇ ଉଛୁଳି
ପିତାମାତା ଯହିଁ ଥିଲେ।

ଜୀବନ ପ୍ରଦୀପ ନିତି ଜାଳି ଜାଳି
କିବା ସ୍ଥିତପ୍ରଜ୍ଞ ସୁଖ ଦୁଃଖ ସମ କରି
ଆଦି ଦିଅଁ ପିତାମାତା ତୋହରି
ଜରାଶ୍ରମେ ନେବାକୁ ବଳାନା ତୁ ମତି
ରେ ଅନ୍ଧ ସମାଜ,
ଖୋଲି ଦେ'ରେ ଥରେ
ବିବେକ ଦୁଆର, ପଡି ଯା'
ପଦ ଯୁଗଳେ
ଜନ୍ମ ଜନ୍ମ କଳୁଷ ତୁଟିବ
ପ୍ରଭୁ ଚାହିଁ ଦେଲେ,
ସବୁ ସୁଖ ତହିଁ ପଡିବ ଉଛୁଳି
ଗୃହ ମନ୍ଦିରରେ
ପିତାମାତା ଯହିଁ ସୁଖରେ ଥିଲେ।


+ଭଞ୍ଜକଲୋନୀ,ଜଳେଶ୍ୱର,ବାଲେଶ୍ୱର

ମୋ-୮୧୪୪୮୬୪୫୮୪


### ମାଣ ବସା ଗୁରୁବାର

### କ୍ଷଣ ପ୍ରଭା ଧଳ



ମାସ ମଧ୍ୟେ ସାର ମାର୍ଗଶିର
ଶୁକ୍ଳ ପକ୍ଷ ଆଦ୍ୟ ଗୁରୁବାର
ମାଣ ବସା ଓଷା ଘରେ ଘରେ ଆମ
ବ୍ରତ ଅଟେ ମହା ଲକ୍ଷ୍ମୀଙ୍କର।


ଶ୍ରୀ ମନ୍ଦିର ଛାଡି ମହା ଲକ୍ଷ୍ମୀ
ଭକତଙ୍କ ଭଲ ମନ୍ଦ ଦେଖି
ନଗରେ ନଗରେ ଭ୍ରମଣ କରନ୍ତି
ଅଟକନ୍ତି ଶୁଦ୍ଧ ଭକ୍ତି ଦେଖି।

ଶୁଦ୍ଧତା ସ୍ୱଚ୍ଛତା ପରଖନ୍ତି
ମନ ପବିତ୍ରତା ମାପିଥାନ୍ତି
ସାଗର ଦୁଲଣୀ ବିଷ୍ଣୁ ପାଟରାଣୀ
ମନଜାଣି ବର ସେ ଦିଅନ୍ତି।


ଅରୁଆ ଚାଉଳେ ପିଠାପଣା
ଖିରି ପୁରୀ ମଣ୍ଡା ଛେନା ପଣା
କି ଦେଇ ତୋଷିବା ଶ୍ରୀ ମହା ଲକ୍ଷ୍ମୀଙ୍କୁ
ସେ ତ ଅନ୍ନଦାତ୍ରୀ ଅନ୍ନପୂର୍ଣ୍ଣା
ଶ୍ରଦ୍ଧା ସୁମନରେ ପୂଜୁ ଥିବା
ଭକ୍ତି ପୁଷ୍ପାଞ୍ଜଳି ସମର୍ପିବା
ତାଙ୍କରି ଦୟାରୁ ପେଟ ପୁରୁଥାଉ
କାନି ପାତି ଭିକ୍ଷା ମାଗୁଥିବା


+ଯାଜପୁର ରୋଡ

ମୋ: ୭୦୦୮୪୯୦୭୧୯





ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୩



ଡ.ସିନ୍ଧୁ ସେନ୍

ରାକ୍ଷସୀ ତାଡ଼କାକୁ ତାର ନେତୃତ୍ୱ ନେବାକୁ ଅନୁରୋଧ ମଧ କରିଥିଲି । ତାଡ଼କାଙ୍କ ଦୁଇ ଯୋଗ୍ୟ ବୀରପୁତ୍ର ସୁବାହୁ ଓ ମାରୀଚ ସେଠାର ସେନାପତି ଭାବେ ଦାୟିତ୍ୱ ମଧ୍ୟ ତୁଲାଉଥିଲେ । ତା ସତ୍ତ୍ୱେ ସେଠାରେ କ'ଣ ଏମିତି ଘଟିଗଲା ଯେ, ସୁକେତୁ ଛୁଟି ଆସିଛନ୍ତି ମୋ ପାଖକୁ ନିଶ୍ଚୟ କିଛି ଘଟିଥିବ । ନହେଲେ ଏମିତି ଜରୁରି କାଳୀନ ସକ୍ଷାତ କ'ଣ ପାଇଁ ?

ସୁକେତୁ ମୋ ସମ୍ମୁଖରେ ଛିଡ଼ା ହୋଇଥିଲେ । ତାଙ୍କ ମୁହଁରୁ ଯାହା ଶୁଣିଲି ମୋ ପାଦତଳୁ ମାଟି ଖସିଗଲା ଯେମିତି । ମୋର ଦଶଶିର ଓ ବିଂଶବାହୁ ଥରିବାକୁ ଲାଗିଲା । ବିଶ୍ୱାସ କରିପାରୁ ନଥିଲି ସତରେ କ'ଣ ଦୁଇଜଣ ରାଜକୁମାର ସମଗ୍ର ରାକ୍ଷସବାହିନୀକୁ ନଷ୍ଟ କରିଦେଲେ । ଏହା କେମିତି ସମ୍ଭବ ?

କିଏ ସେ ରାଜକୁମାର ? ଯିଏ ରାକ୍ଷସ ସେନାମାନଙ୍କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି । ମୁଁ କିଛି ଭୁଲ୍ ତଥ୍ୟ ଶୁଣୁନି ତ ? ଏମିତି କି ତାଡ଼କା, ସୁବାହୁ, କାହାରି ପତ୍ତା ରହିଲା ନାହିଁ । ବହୁକଷ୍ଟରେ ସୁକେତୁଙ୍କୁ ପ୍ରାଣ ଘେନି ଲୁଚିଲୁଚି ଆସିବାକୁ ପଡ଼ିଲା । ବୁଝିପାରୁ ନଥିଲି ଏମିତି ସବୁ ଅଘଟଣ କାହିଁକି ଘଟିଲା ? କେମିତି ସମ୍ଭବ ହେଲା । ସେନାପତି ମାରୀଚ ଜ୍ୟେଷ୍ଠ ରାଜକୁମାରଙ୍କ ବାଣରେ ଅଚେତ ହୋଇ କାହିଁ କେଉଁଠି ଛିଟିକି ପଡ଼ିଲେ । ଏସବୁ ଘଟଣା ରାଜି ମୋତେ ବ୍ୟସ୍ତ ବିବ୍ରତ କରି ତୋଳୁଥିଲା । ମୋ ଭବିଷ୍ୟତ ପାଇଁ ଏକପ୍ରକାର ଅଶୁଭ ସଂକେତ ନୁହେଁ ତ ? ସତରେ କ'ଣ ଲଙ୍କାଧିପତିଙ୍କ ମନରେ ଭୟର ସଞ୍ଚାର କରିବା ପାଇଁ ଏକପ୍ରକାର ହୀନ ଚକ୍ରାନ୍ତ ନୁହେଁ ତ ? ନ ହେଲେ ନୈମିଷାରଣ୍ୟ ଭଳି ଦୁର୍ଗମ ସ୍ଥାନକୁ କିଏ ବା କାହିଁକି ପ୍ରବେଶ କରିବ ? କେମିତି କରିବ ? ଯାହାର ପରିବେଶ ଶାନ୍ତ, ନିର୍ଜନ, ସେପରି ସ୍ଥାନର କିଏ କେମିତି ସନ୍ଧାନ ପାଇଲା ? କେମିତି ପାଇଲା ?

କିଏ ହୋଇପାରନ୍ତି ସେ ରାଜକୁମାର ଦ୍ୱୟ । ସେମାନେ କ'ଣ ନିଜ ଆଡୁ ଆସିଛନ୍ତି ନା କାହାରି ଡାକରେ ଆସିଛନ୍ତି ? ଯଦି ବା କାହାରି ଡାକରାରେ ଆସିଥାନ୍ତି, ତେବେ କିଏ କାହିଁକି ସେମାନଙ୍କୁ ଡାକିଲା । ଜନମାନବ ଶୂନ୍ୟ ଶାନ୍ତ ପରିବେଶ ବୋଲି ତ ଋଷିମାନଙ୍କର ଯଜ୍ଞାନୁଷ୍ଠାନ ପାଇଁ ଯୋଗ୍ୟ ସ୍ଥାନ । ମୁନିଋଷିମାନେ ବେଶ୍ ଶାନ୍ତି, ଶୃଙ୍ଖଳାର ସହ ଯଜ୍ଞାନୁଷ୍ଠାନ ମାନ ଆୟୋଜନ କରୁଥିଲେ । ମୁନି, ଋଷିମାନେ ଆର୍ଯ୍ୟସଂସ୍କୃତିର ପକ୍ଷପାତୀ ତେଣୁ ରାକ୍ଷସ ସଂସ୍କୃତିର ସୁରକ୍ଷା ପାଇଁ ଆମ ରାକ୍ଷସସେନା ମାନେ ସେମାନଙ୍କ ଲକ୍ଷ୍ୟକୁ ପୂରଣ କରିବାକୁ ବାଧା ଦେଉଥିଲେ । ସେଇଥିପାଇଁ ଯଜ୍ଞାନୁଷ୍ଠାନ ଗୁଡ଼ିକ ଭାଂଗି ଛିନ୍ନଭିନ୍ନ କରି ଦେଉଥିଲେ । ତେବେ ଏ ସମସ୍ତ କାରଣ ପାଇଁ ସେଇ ଅପରିଚିତ ରାଜକୁମାର ଦ୍ୱୟ ଏଠିକୁ ଆଉ ଆସିନାହାନ୍ତି ତ ?

ମୋ ମନରେ ତଥାପି ଘନୀଭୂତ ହେଉଥିଲା ସନ୍ଦେହ । କାହାର ଏମିତି ସାହସ ଅଛି, ଯିଏ ମୋତେ ବିରୋଧ କରିବାପାଇଁ ସାହସ କରିଛି । ଭୁଲବଶତଃ ସିଂହ ଗୁମ୍ଫା ମଧ୍ୟରେ ପ୍ରବେଶ କରିବା ପାଇଁ ସାହସ କରିନି ତ ? ବିଚରା ଏ କୁବୁଦ୍ଧି ତାଙ୍କୁ ଦେଲା କିଏ ? ସେମାନେ ତେବେ ଜାଣିନାହାନ୍ତି ରାବଣ କ'ଣ ? ଦଶଶିର ବିଂଶବାହୁର ପରାକ୍ରମ କେତେ ? ବିଷଧର ସର୍ପର ଲାଞ୍ଜରେ ହାତ ମାରିବାର ଦୁଃସାହସ କରିବାର ଫଳାଫଳ ଯେ କେତେ ସାଂଘାତିକ ହୋଇପାରେ, ତାହା ହୁଏତ ସେମାନଙ୍କ ନିକଟରେ ଅଜ୍ଞାତ । ଯେତେ ଯାହା ହେଲେ ମଧ ସେ ରାଜକୁମାର ଦୁଇଜଣଙ୍କ ପରିଚୟ ଜାଣିବା ମୋ ପାଇଁ ନିଶ୍ଚୟ ଜରୁରି ।

ଅସଂଯତ ହୋଇ ପଡୁଥିଲା ମୋ ନିଜସ୍ୱ କ୍ରୋଧାଗ୍ନି "କୁହ ସୁକେତ, କେଉଁଠିକାର ରାଜକୁମାର ସେମାନେ ? କେମିତି ନୈମିଷାରଣ୍ୟକୁ ଆସିଲେ ?

ମହାରାଜ ସେ ଦୁହେଁ ଅଯୋଧ ରାଜା ଦଶରଥଙ୍କ ଦୁଇପୁତ୍ର । ଜ୍ୟେଷ୍ଠ ରାମ ଆଉ କନିଷ୍ଠ ଲକ୍ଷ୍ମଣ । ଆମ ରାକ୍ଷସମାନେ ଯେବେ ମୁନି ଋଷିଙ୍କ ଆଶ୍ରମ ଗୁଡ଼ିକ ଭାଂଗି ଧ୍ୱସ କରିଦେବାରେ ଲାଗିଥିଲୁ । ସେମାନଙ୍କ ମଧ୍ୟରେ ଯଜ୍ଞାନୁଷ୍ଠାନ କିଭଳି ଶାନ୍ତି, ଶୃଙ୍ଖଳାରେ ଅନୁଷ୍ଠିତ ହୋଇପାରିବ, ସେ ନେଇ ସେମାନେ ଚିନ୍ତାରେ ଥିଲେ । ଆମ ସହ ବାରମ୍ବାର ଲଢ଼େଇ ମଧ କରୁଥିଲେ । ବିଶେଷ କିଛି ସୁଫଳ ମିଳୁ ନଥିଲା । ଏହିସବୁ ପରିସ୍ଥିତି ମଧ୍ୟରେ ଋଷି ବିଶ୍ୱାମିତ୍ର ଏକ ବିରାଟ ଯଜ୍ଞର ଆୟୋଜନରେ ଲାଗି ପଡ଼ିଥିଲେ । ଆମେ ତାଙ୍କୁ ବାରମ୍ବାର ବାଧା ଦେବା ପରେ ସେ ଯଜ୍ଞର ସୁରକ୍ଷା ପାଇଁ ଅଯୋଧାରୁ ଦୁଇ ରାଜକୁମାରଙ୍କୁ ସାଂଗରେ ନେଇ ଆସିଲେ । ତାହାହିଁ ସବୁ ଅନର୍ଥର କାରଣ ହେଲା । ସେଇ ଦୁଇ ରାଜକୁମାରଙ୍କ ସହାୟତାରେ ତାଙ୍କର ଯଜ୍ଞ ତ ସଫଳ ହେଲା ଆଉ ଅନେକ ରାକ୍ଷସ ମଧ ବଳିପଡ଼ିଲେ । ଆଉ ଯେଉଁମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ ସେମାନେ ସବୁ କିଏ କେଉଁଠାରେ ଆଶ୍ରୟ ନେଲେ ତାର କିଛି ପତ୍ତା ନାହିଁ ।

ବିଶ୍ୱାସ କରନ୍ତୁ ମହାରାଜ, ସେହି ରାଜକୁମାର ଦ୍ୱୟଙ୍କ ବାଣ ଏତେ ଶକ୍ତିଶାଳୀ ଯେ, ତାଙ୍କ ସମକକ୍ଷ ହେବା ଆଦୌ ସମ୍ଭବପର ନଥିଲା । ବିଶେଷକରି ଜ୍ୟେଷ୍ଠ ରାମ, ତାଙ୍କ ବାଣ ତ ଭୀଷଣ ଟାଣ । ତାହା ଯେଉଁଠି ବାଜିଛି ସେ କ୍ଷତ ସହଜେ ଶୁଖିବନି । ମୋ ହାତରେ ବି ସେ ବାଣର ଚିହ୍ନ ରହିଛି ।

ଦେଖନ୍ତୁ ମହାରାଜ, ମୋ ହାତ ପାପୁଲିକୁ

ମୁଁ କିଛି ଭାବିପାରୁ ନଥିଲି । ମୋର ବିଶ୍ୱବିଜୟୀ ହେବାର ନିଶା ଯେତେଯେତେ ବଳବତ୍ତର ହେବାରେ ଲାଗିଛି ମୋ ସମ୍ମୁଖରେ ସେତେସେତେ ପ୍ରତିବନ୍ଧକ ଆସି ଛିଡ଼ା ହେଉଛି କ'ଣ ପାଇଁ ? ତେବେ ଏମାନେ କିଏ ? କେମିତି ଅରଣ୍ୟ ମଧକୁ ଆସିଲେ ? ଋଷି ବିଶ୍ୱାମିତ୍ର ସେମାନଙ୍କୁ ଆଣିବାର ଉଦ୍ଦେଶ୍ୟ କ'ଣ ? ଏମିତି ବିଭିନ୍ନ ପ୍ରଶ୍ନ ମଧ୍ୟରେ ମୁଁ ଛନ୍ଦି ହୋଇ ପଡୁଥିଲି । ସେମାନଙ୍କ ସମ୍ବନ୍ଧରେ ଅଧିକ କିଛି ଜାଣିବାକୁ ମନରେ ଉତ୍କଣ୍ଠା ବଢୁଥିଲା । ସେମାନଙ୍କ ଚେହେରା ଦେଖିବାକୁ ଆଗ୍ରହ ଜାଗୁଥିଲା । ଭାବୁଥିଲି, ଯେଉଁମାନଙ୍କ ନାମ କେବଳ ଶ୍ରବଣ କରି ମୋ ହୃତ୍‌ସ୍ପନ୍ଦନ ବଢ଼ିଯାଉଛି, ସେମାନଙ୍କୁ ସମ୍ମୁଖରେ ଦେଖି ମୋ ଅବସ୍ଥା କେମିତି ହେବ । ମୁଁ ରାବଣ, ଭୀରୁତା ମୋ ପାଇଁ ଶୋଭନୀୟ ନୁହେଁ, ଏତେ ସହଜରେ ମୁଁ କାହାକୁ ମାନିନେବାକୁ ପ୍ରସ୍ତୁତ ନୁହେଁ । ସେ ଯିଏ ବି ହୁଅନ୍ତୁ ନା କାହିଁକି ମୋ ଠାରୁ ଯେ ଅଧିକ ବୀର ହୋଇଥିବେ, ସେ ବିଶ୍ୱାସ ମୋର ନାହିଁ । ମୁଁ ନିଜେ ତ ବ୍ରହ୍ମଦେବଙ୍କ ଆଶୀର୍ବାଦରେ ତ୍ରିଭୁବନ ବିଜୟୀ । ହୋଇପାରନ୍ତି ସେମାନେ ବୀର କିନ୍ତୁ ନିଜେ ଜଣେ ବୀର ହୋଇ ଆଉ କେଉଁ ବୀରର ବୀରତ୍ୱକୁ ସ୍ୱୀକାର କରିପାରିବି କେମିତି ? ବରଂ ମୋତେ ସେମାନଙ୍କ ବିଷୟରେ ଟିକିନିଖି ଖବର ସଂଗ୍ରହ କରିବାକୁ ପଡ଼ିବ ।

ମହାରାଜ, ଋଷି ବିଶ୍ୱାମିତ୍ର ଏବେ ସେ ରାଜକୁମାର ଦୁହିଁଙ୍କୁ ନେଇ ମିଥିଳାକୁ ଯାଇଛନ୍ତି ।

ମିଥିଳା ରାଜ୍ୟ କିନ୍ତୁ କାହିଁକି ?

ହଁ ମହାରାଜ, ମିଥିଳାରେ କ'ଣ ଗୋଟାଏ ଯଜ୍ଞ ହେଉଛି

ଓଃ... ମନେପଡ଼ିଲା, ମିଥିଳାର ରାଜା ଜନକ ଗୋଟିଏ ବିରାଟ ଯଜ୍ଞର ଆୟୋଜନ କରିଛନ୍ତି । ଯଜ୍ଞ ଶେଷରେ ତାଙ୍କ କନ୍ୟାଙ୍କ ସ୍ୱୟମ୍ବର ମଧ ହେବାର ଅଛି । ମୋ ପାଖରେ ଏବେ ସବୁ ସ୍ପଷ୍ଟ ହୋଇଗଲା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୬୮ ॥

କଶ୍ୟପ ପୁଣି ବ୍ରହ୍ମାଙ୍କୁ ଚାହିଁ ପଚାରିଲେ,'ଆଚ୍ଛା, ପିତାମହ, ନିଜେ ଦକ୍ଷ ପ୍ରଜାପତି ତାଙ୍କ କନ୍ୟା ମାନଙ୍କୁ କିପରି ରୀତିରେ ବିବାହ ଦେବାକୁ ଇଚ୍ଛା କରୁଛନ୍ତି ?'

'ମୋର ଜାମାତା ମାନଙ୍କ ଇଚ୍ଛା ହିଁ ମୋର ଇଚ୍ଛା ।' ସେ ଏହି କଥା କହିଥିଲେ । ବ୍ରାହ୍ମ ବିବାହରେ ଆତ୍ମା ସହିତ ଆତ୍ମାର ମିଳନ ହୋଇଥାଏ । ବିବାହ ପରେ ସ୍ୱାମୀର ସଂଜ୍ଞା, ଗୋତ୍ର, ଜାତି ଗୃହ ଓ ସମ୍ପଦରେ ସ୍ତ୍ରୀ ସମଭାଗୀ ହୋଇଥାଏ । ତାଙ୍କର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୋଇ ସାରା ଜୀବନ ବିତାଇଦିଏ । ରାଜ କନ୍ୟାମାନେ ବିବାହ ପରେ ଆଉ ପିତ୍ରାଳୟକୁ ଫେରନ୍ତିନାହିଁ । ତେବେ, ପିତାଙ୍କ ସମ୍ପତି ଉପରେ କନ୍ୟାମାନଙ୍କର ମଧ୍ୟ ଅଧିକାର ରହିଅଛି । ତେଣୁ ସେ ତାଙ୍କର ଜାମାତା ଓ କନ୍ୟା ମାନଙ୍କୁ ବିବାହ ସହ କିଛି ଉପହାର ଦେବାକୁ ଚାହାନ୍ତି ।'

' ଜଣେ ପ୍ରଜାପତି ଭାବେ ମୁଁ ସେଥିରେ ଏକମତ । ଯଦି ବିନା ଦାବୀରେ ସେ କିଛି ଦେବାକୁ ଚାହାନ୍ତି, ତେବେ ଦେଇ ପାରନ୍ତି । ପିତାମହ, ଆପଣଙ୍କ ସୁପୌତ୍ର କଶ୍ୟପଙ୍କ ଭୁବନରେ ତାଙ୍କ ପତ୍ନୀ ମାନଙ୍କୁ ସୁଖ ଓ ଆନନ୍ଦରେ ରଖିବା ପାଇଁ କଣ ଧନ, ସମ୍ପଦ ଓ ଐଶ୍ୱର୍ଯ୍ୟର ଅଭାବ ଅଛି ?'

ବ୍ରହ୍ମାଙ୍କ ଓଠରେ ସେହିପରି ସ୍ମିତ ହସ ସହ କଶ୍ୟପଙ୍କ ବିବାହର ଶୁଭ ଲଗ୍ନ ଆସିଗଲା । ଏହା ପୂର୍ବରୁ ତାକ୍ଷ କଶ୍ୟପଙ୍କ ବିବାହ ଶେଷ ହୋଇ ଯାଇଥିଲା । ବିବାହରେ ଋତ୍ୱିକଙ୍କର ମନ୍ତ୍ର ଉଚ୍ଚାରଣ' ପିତୃଦେବ ଭବ ଓ ମାତୃଦେବୀ ଭବ' ଆଶିର୍ବାଦ ସହ କଶ୍ୟପ ହୋମାଗ୍ନିକୁ ସାକ୍ଷୀ ରଖି ସେମାନଙ୍କୁ ବଂଶ ରକ୍ଷା ପାଇଁ ଗ୍ରହଣ କଲେ । ଅର୍ଥାତ ପୁରୁଷ ଓ ନାରୀର ବିବାହ କେବଳ ଦୈହିକ ଉପଭୋଗ ପାଇଁ ନୁହେଁ ବରଂ ଦୈହିକ, ମାନସିକ ଓ ଆତ୍ମିକ ସଂଯମ ତଥା ଉତ୍ତମ ସନ୍ତାନ ମାନଙ୍କୁ ଜନ୍ମ ଦେଇ ପୃଥିବୀର ବିକାଶ ଏବଂ ବଂଶ ରକ୍ଷା ପାଇଁ ଅଭି ପ୍ରେତ । (ସେତେବେଳେ ଜନସଂଖ୍ୟା ପୃଥିବୀରେ କମ ଥିବାରୁ ବେଦରେ ନାରୀ ବାରମ୍ବାର ପୁରୁଷର ଶଯ୍ୟା ସଙ୍ଗିନୀ ହୋଇ ଅଧିକ ସନ୍ତାନ ଜନ୍ମ ଦେବାକୁ ଉପଦେଶ ଦେଇଥିଲେ । ବିବାହ ପରେ ମାରିଶାଙ୍କର ପୌତ୍ରୀ ଇଳାଙ୍କ ଉପରେ କଶ୍ୟପଙ୍କର ଦୃଷ୍ଟି ନିବଦ୍ଧ ହେଲା । ପୁଷ୍ପ ଭାରରେ ସୁମଞ୍ଜୁଳ ବର୍ଣ୍ଣାଳୀ ତଥା ସବୁଜଶ୍ରୀରେ ଚିତ୍ତକୁ ଆହ୍ଲାଦିତ କରୁଥିଲେ ଇଳା ।

କଶ୍ୟପ ନିଜର ପୁରୁଷ ତରୁ, ଲତା ପୂର୍ଣ୍ଣ ଉପବନକୁ ଫେରି ଗଲେ । ତାହା ନିକଟରେ ଥିଲା ଇଳାଙ୍କର ଉପବନ । ତାକୁ ଦେଖି କଶ୍ୟପ ଙ୍କର ଦଶ ପ୍ରଚେତସ ଏବଂ ଇଳାଙ୍କ ମାତମହୀ ମାରୀଶାଙ୍କ କଥା ସ୍ମରଣ ହେଉଥିଲା । ସେଦିନ ବିଷ୍ଣୁ ଦଶ ପ୍ରଚେତସଙ୍କୁ ଦର୍ଶନ ଦେବା ପରେ ଅନ୍ତର୍ଧାନ ହୋଇ ଗଲେ । ତାଙ୍କୁ ନିରୀକ୍ଷଣ କରୁକରୁ ପ୍ରଚେତସ ମାନେ ଦେଖିଲେ ନଭଶ୍ଚୁମ୍ବୀ ତରୁମାନଙ୍କର ଶାଖା ପ୍ରଶାଖାରେ ବନପ୍ରଦେଶ ତମାସା ଛନ୍ନ ଦେଖାଯାଉଛି ।' ଏହି ମାନେ ହିଁ ହେଉଛନ୍ତି ବିଷ୍ଣୁଙ୍କର ଦୃଶ୍ୟ ନହେବାର କାରଣ ।'ଏହା ଭାବି ସେମାନେ ମୁଖ ଗହ୍ୱରରୁ ଯୋଗ ଅଗ୍ନି ବାହାର କରି ସେମାନଙ୍କୁ ଜାଳି ଦେବାକୁ ଲାଗିଲେ ।

' କ୍ଷାନ୍ତ ହୁଅ ପ୍ରଚେତସ ଗଣ' , ସହସା ସେଠାରେ ଉପସ୍ଥିତ ହୋଇ ଚନ୍ଦ୍ ସେମାନଙ୍କୁ କହିଲେ,'ତୁମେ ଯେଉଁ ଅପରିଣାମଦର୍ଶୀ କାମ କରିବାକୁ ଯାଉଛ ତାହାର ପରିଣାମରେ ପୃଥିବୀ ଧ୍ୱଂସ ହୋଇଯାଇ ପାରେ । କାରଣ ପ୍ରାଣୀମାନଙ୍କ ବିନା ଉଦ୍ଭିଦ ବଞ୍ଚି ରହି ପାରେ କିନ୍ତୁ ଉଦ୍ଭିଦ ବିନା ପ୍ରାଣୀ ମାନେ ବଞ୍ଚି ରହିପାରିବେ ନାହିଁ । ବୃକ୍ଷ ମାନଙ୍କ ଯୋଗୁଁ ବାୟୁ ମଣ୍ଡଳ ବିଶୁଦ୍ଧ ରୁହେ, ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଉଦ୍ଭିଦ ଅଙ୍ଗାରକାମ୍ଳ, ଧୂଳିକଣା ଓ ବିଷାକ୍ତ ବାଷ୍ପ ମାନଙ୍କୁ ଶୋଷିନିଏ ଏବଂ ଅମ୍ଳଜାନ ପ୍ରଦାନ କରେ । ବାୟୁ ମଣ୍ଡଳର ଉତ୍ତାପ କମାଇ ଦିଏ । ଆମକୁ ଖାଦ୍ୟ, ବସ୍ତ୍ରଓ ଗୃହଉପ କରଣ ଯୋଗାଇ ଦିଏ । ବୃକ୍ଷ ଯୋଗୁଁ ବର୍ଷା ହୋଇଥାଏ । ପୃଥିବୀ ମୃତ୍ତିକା କ୍ଷୟରୁ ରକ୍ଷା ପାଏ ଓ ଶସ୍ୟ ସମ୍ପଦରେ ପୂର୍ଣ୍ଣ ହୁଏ । ନାନାଦି ଆୟୁ(ଆୟୁମାନେତ ଜଳ,ବାୟୁ,ମୃତ୍ତିକା) ମହୌଷଧି, ଝୁଣା, ମହୁ, ଲାଖ, ପତ୍ର ଆଦି ଜଙ୍ଗଲରୁ ମିଳିଥାଏ । ବୃକ୍ଷ ନଥିଲେ ବାୟୁ ମଣ୍ଡଳର ଉତ୍ତାପ ବଢି ଯାଏ ଓ ମେରୁ ଅଞ୍ଚଳର ବରଫ ତରଳିଯାଏ । ଏହି ପ୍ରାକୃତିକ ସନ୍ତୁଳନରେ ପୃଥିବୀରେ ପ୍ରବଳ ଝଡ, ବର୍ଷା ହୁଏ, ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହୁଏ । ଏହି ପରିବର୍ତ୍ତିତ ପରିବେଶରେ କୃଷିରେ ବାଧା ସୃଷ୍ଟି ହୁଏ, ଜୀବ ଜନ୍ତୁ ଲୋପ ପାଆନ୍ତି । ପୃଥିବୀରେ ପ୍ରଳୟ ସୃଷ୍ଟି ହୁଏ ।'

'ପ୍ରଳୟ ନୁହେଁ, ମୁଁ ତୁମକୁ ନେଇ ଗୋଟି ଗୋଟି କରି କୋଟି କୋଟି ସୃଜନର ସ୍ୱପ୍ନ ଦେଖିଛି ଇଳା' । ଏହା କହି କଶ୍ୟପ ଇଳାଙ୍କ ଆଡ଼କୁ ଆଗେଇ ଗଲେ । ତାଙ୍କ ଦେହରେ ବିବିଧ ତରୁଲତା ମାନଙ୍କର ବର୍ଣ୍ଣଭରା ପ୍ରସ୍ଫୁଟିତ କୁସୁମ ଗୁଚ୍ଛରେ ସ୍ତ୍ରୀକେଶର ଗୁଡିକ ଉନ୍ମୁକ୍ତ ଓ ଉର୍ଦ୍ଧ୍ୱମୁଖୀ ଥିଲା । କଶ୍ୟପ ତତକ୍ଷଣାତ ଯୋଗାରୂଢ଼ ହେଲେ ଓପରକୀୟ ପ୍ରବେଶ ସାଧନ ବଳରେ ନିଜର ଆତ୍ମାକୁ ସୂକ୍ଷ୍ମାତି ସୂକ୍ଷ୍ମ କରି ପୁରୁଷ ଉଦ୍ଭିଦ ମାନଙ୍କ ମଧ୍ୟରେ ପ୍ରବେଶ କଲେ । ଯୋଗବଳରେ ପୁଂ କେଶର କୁସୁମ ସ୍ତବକ ଯୁକ୍ତ ଏକ ମିଶ୍ର ତରୁ ରୂପେ ସେ ଇଳାଙ୍କ ଆଡ଼କୁ ଘୁଂଚି ଗଲେ । ଧୀରେ ଧୀରେ ପୁଷ୍ପ ସ୍ତବ କକୁ ମୃଦୁମନ୍ଦ ସମୀରରେ ଦୋଳାଇ ଦୋଳାଇ ସେ ଦଳଦଳ ଚିତ୍ରିତ ପ୍ରଜା ପତି, ଗୁଞ୍ଜନ ରତ ଭ୍ରମର, ମଧୁଅନ୍ୱେଷୀ ମଧୁମକ୍ଷୀ ଓ କ୍ଷୁଧିତ ପତଙ୍ଗ ମାନଙ୍କୁ ନିମନ୍ତ୍ରଣ ଜଣାଇଲେ ।

' ଦୟା କରି ଏହି ଶେଷ ବୃକ୍ଷ ଟିକୁ ଛାଡିଦିଅନ୍ତୁ ପ୍ରଚେତସ ଏବଂ ଏହି ବୃକ୍ଷମାନଙ୍କର ପାଳିତା କନ୍ୟା ମାରୀଶାଙ୍କୁ ବିବାହ କରନ୍ତୁ ।' ଚନ୍ଦ୍ର ଙ୍କର କଥା ତାଙ୍କର ପୁନଃ ପୁନଃ ସ୍ମରଣ ହେଉଥିଲା ।' ଦୀର୍ଘ ସହସ୍ର ବର୍ଷ ଧରି ଏବେ ପୃଥିବୀ, ସମୁଦ୍ର ଓ ପର୍ବତର ଉତ୍ତାପ ବଢି ଯାଉଛି । ହୁଏତ ମନ୍ଦ ଶକ୍ତି ମାନେ ପୃଥିବୀକୁ ଆଗମନ କରିଛନ୍ତି । ଚିନ୍ତା ନାହିଁ । ଏହି ଗୋଟିଏ, ଗୋଟିଏ ବୃକ୍ଷକୁ ନେଇ ମୁଁ ଲକ୍ଷେ ବୃକ୍ଷ ସୃଷ୍ଟିକରି ପାରିବି । 'ବୈଜ୍ଞାନିକ କଶ୍ୟପ ସଂକଳ୍ପ କଲେ । ଇଳାଙ୍କର ଉପସ୍ଥିତି ହିଁ ପରିବେଶକୁ ଶୀତଳ, ସୁଗନ୍ଧିତ, ବିଶୁଦ୍ଧ ବାୟୁ ପ୍ରବାହରେ ତାଙ୍କ ସର୍ବାଙ୍ଗର କ୍ଳାନ୍ତିକୁ ଦୂର କରି ଦେଇ ଥିଲା । କଶ୍ୟପ ନିଜକୁ ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ନିୟନ୍ତ୍ରଣ ମଧ୍ୟରେ ଅନୁଭବ କଲେ । ତାଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାଷା ଏବଂ ଭାବନା ଶୂନ୍ୟଭାବରେ ସୂର୍ଯ୍ୟ କିରଣର ଉଷ୍ମତା, ମୃଦ୍ୟୁ ସମୀରରେ ପତ୍ରମାନଙ୍କ ମର୍ମର ତାଙ୍କୁ ପୁଲକିତ କଲା । ମୃତ୍ତିକାରୁ ଜଳ ଓ ଲବଣର ସଂଚରଣ, ପତ୍ରେ, ପତ୍ରେ ଖାଦ୍ୟ ପ୍ରସ୍ତୁତିରେ ଜୀବନକୁ ଅନୁଭବ କଲେ । ଇଳାଙ୍କ ପ୍ରତି ସେ ଏକ ପୁଲକ ଭରା ଆକର୍ଷଣ ଅନୁଭବ କଲେ । ତାଙ୍କର ସ୍ମିତ ହାସ୍ୟର ନିମନ୍ତ୍ରଣ ପାଇବା କ୍ଷଣି ସେହି ବିଚିତ୍ର ବର୍ଣ୍ଣ । ପ୍ରଜା ପତି, ମଧୁମକ୍ଷୀ ଓ ନୀଳାଭ ଭ୍ରମର ଗଣ ତାଙ୍କର ପୁଷ୍ପ ସ୍ତବକ ଉପରେ ବସି ପୁରୁଷ ରେଣୁଗୁଡିକ ବହନ କରିନେଇ ଇଳାଙ୍କ ପୁଷ୍ପ ସ୍ତବକର ବିଭିନ୍ନ ପ୍ରକାର କୁସୁମ ମାନଙ୍କ ସ୍ତ୍ରୀ ସ୍ତବକ ରେ ପକାଇଲେ । ପୁଂ ରେଣୁ ଗୁଡିକ ସ୍ତ୍ରୀର ଗର୍ଭଦଣ୍ଡ ଭିତର ଦେଇ ଗର୍ଭାଶୟରେ ପ୍ରବେଶ କଲା । ଏହା ପ୍ରକୃତିର ଚିରନ୍ତନ ପ୍ରକ୍ରିୟା । କ୍ରମେ ସେହି ତରୁ ବିଭିନ୍ନ ଭିନ୍ନ ପ୍ରକାର ଫଳରେ ପୂର୍ଣ୍ଣ ହୋଇଗଲା ଓ ସେହି ବୀଜରୁ ନୂତନ ବୃକ୍ଷ ସୃଷ୍ଟି ହୋଇ ତରୁଲତା,ଗୁଳ୍ମ ଓ କଣ୍ଟକ ଆଦି ବୃକ୍ଷରେ ପୃଥିବୀ ବିଚିତ୍ର ବର୍ଣ୍ଣ । ହୋଇଗଲା । ଏହାପରେ କଶ୍ୟପ ତାଙ୍କ ବିଜ୍ଞାନ ଶାଳାର ବିଭିନ୍ନ ପୁରୁଷ ଜଳ ଜୀବ, ଏକ ଖୁର,ଦୁଇ ଖୁର, ଶ୍ୱାପଦ, ଶ୍ୱାନ,ସର୍ପ, ଗୃଧ୍ର ଆଦି ପ୍ରାଣୀ ମାନଙ୍କ ମଧ୍ୟରେ ନିଜ ଆତ୍ମାକୁ ଯୋଗ ବଳରେ ପ୍ରବେଶ କରାଇଲେ । ସେ କେଉଁ ଅଦୃଶ୍ୟ ଐଶ୍ୱରୀୟ ଶକ୍ତିର ନିୟନ୍ତ୍ରଣ ରେ ଇତର ପ୍ରାଣୀ ମାନଙ୍କ ମଧ୍ୟରେ ଜୀବନ ସଂଗ୍ରାମ,କ୍ରୀଡା, ଆତ୍ମରକ୍ଷା, ଆନନ୍ଦ ଓ ବିଷାଦର ଅନୁଭୂତିରେ ସୃଷ୍ଟିର ବୈଚିତ୍ର୍ୟ କୁ ଅନୁଭବ କରି ଆତ୍ମମଗ୍ନ ହୋଇଗଲେ । ସେମାନଙ୍କ ମଧ୍ୟରେ ଈର୍ଷ୍ୟା, ମୈତ୍ରୀ, ସଙ୍ଘ ଗଠନ, ପ୍ରଭୁତ୍ୱ, ହିଂସା, ବୁଦ୍ଧି,ଚତୁରତା, ବଳ, ପ୍ରେମ, ବିଶ୍ୱସ, ଭକ୍ତି, ଅନୁରକ୍ତି ଓ ବାତ୍ସଲ୍ୟର ମୂକ ଅନୁଭ ବରେ ସେ ପରମ ନିୟନ୍ତାଙ୍କର ସ୍ୱରୂପକୁ ଅନୁଭବ କଲେ । ସେ ସ୍ତ୍ରୀ ଜୀବ ମାନଙ୍କ ପାଇଁ କାମ ଉଦ୍ଦୀପନା ଓ ଉତ୍ତେଜନା ଅନୁଭବ କଲେ ଓ ବିଭିନ୍ନ କ୍ରୀଡ଼ାର ମାଧ୍ୟମରେ କେବେ ଗ୍ରୀଷ୍ମ, କେବେ ବର୍ଷା, କେବେ ଶରତର ପ୍ରକୃତିମଧ୍ୟରେ ସେମାନଙ୍କ ସହିତ ମିଳିତ ହେଲେ ଓ ତାହାପରେ ସେ ସେମାନଙ୍କ ନାରୀତ୍ୱକୁ ଗର୍ଭ ଭାରରେ ମାତୃତ୍ୱ ପ୍ରଦାନ କଲେ !


ମାତୃତ୍ୱ ! ଈଶ୍ୱରଙ୍କ ପ୍ରେମର ଶ୍ରେଷ୍ଠ ଆଲେଖ୍ୟ ସେହି ମାତୃତ୍ୱ ! ସ୍ରଷ୍ଟା ହୋଇ ସୃଷ୍ଟିକୁ ରୂପ ପ୍ରଦାନ କରିବାର କି ଆନନ୍ଦ ସତେ ! କାହିଁ ଯୌବନରେ ସେ ଗର୍ଭ ଭାରକୁ ବୋହିବାରେ, ସେ ପ୍ରସବ ବେଦନାକୁ ସହିବାରେ ମା'ର କୁଣ୍ଠା ? କାହିଁ ସେହି ବିଜ୍ଞାନ ମୟ ପ୍ରକୃତିଙ୍କ ଅନ୍ୱେଷାରେ ମନ ରେ ଅବସାଦ ? ଆନନ୍ଦରେ ବିତି ଯାଉଛି ମାସ, ମାସ, ବର୍ଷ, ବର୍ଷ ! ପ୍ରାୟତଃ କାହିଁ ତାଙ୍କର ବିଶ୍ରାମ ନେବାର ଇଚ୍ଛା ? ଦକ୍ଷଙ୍କର ସମସ୍ତ ସ୍ତ୍ରୀ ଲିଙ୍ଗୀସନ୍ତାନ ମାନଙ୍କୁ ସୃଷ୍ଟି କରାଯାଇଥିଲା । ଦ୍ୱିତୀୟରେ ପ୍ରଜାପତି କଶ୍ୟପ ନିଜ ପୁରୁଷ ତିମି ମଧ୍ୟରେ ନିଜ ଆତ୍ମାକୁ ପ୍ରବେଶ କରାଇ ନାରୀ ତିମିଙ୍କ ସହ ସମସ୍ତ ଜଳ ଜନ୍ତୁଙ୍କ ବଂଶ ବଢ଼ାଇଦେଲେ । ପ୍ରଶ୍ନ ଉଠୁଛି, ସତରେ କଣ ଆତ୍ମାର ସତ୍ତା ଅଛି ?

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ଦିପ୍ତିମୟୀ ନାୟକ

# ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ

ମନର ମଣିଷକୁ ନିଜେ ବାଛିବା କୌଣସି ଖରାପ କଥା ନୁହେଁ । ଅବଶ୍ୟ କେହି କେହି କୁହନ୍ତି ଭଲପାଇବା ଭଲନୁହେଁ । ହେଲେ ଅନେକ ସମୟରେ ଶୁଣିବାକୁ ମିଳେ ବଏଫ୍ରେଣ୍ଡ ନଥିଲେ ଭାରି ହଇରାଣ ହେବାକୁ ପଡିଥାଏ । ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡିଥାଏ । ଆଉ ଅନ୍ୟମାନେ ଯେତେବେଳେ ବିପଦ ସମୟରେ ପାଖରେ ଠିଆ ହୁଅନ୍ତିନି ସେତେବେଳେ ବଏଫ୍ରେଣ୍ଡ ଗାର୍ଲଫ୍ରେଣ୍ଡ ପାଖେ ଠିଆ ହୋଇଥାଏ । ଗାର୍ଲଫ୍ରେଣ୍ଡ ମନ କଥା ବୁଝୁଥାଏ । ତେବେ ଯଦି ଆପଣ ବାହାରେ ରହୁଛନ୍ତି ନିହାତି ଭାବରେ ବଏଫ୍ରେଣ୍ଡଟିଏ ରଖିଥାନ୍ତୁ । କାରଣ ଆପଣ ଆଉ ଘରେ ରହୁନାହାନ୍ତି ଯେ, ଆପଣଙ୍କୁ ଆପଣଙ୍କ ଘର ଲୋକ ସୁରକ୍ଷା ଦେବେ ବରଂ ଆପଣ ବାହାରକୁ ଆସିଛନ୍ତି ଖଣ୍ଡେ ଚାକିରୀ କରିବାପାଇଁ ତେଣୁ ରାତି ଅନ୍ଧାର କଥା ଏକା ଯିବା ଆସିବାରେ ଅସୁବିଧା ହେବ ବଏଫ୍ରେଣ୍ଡ ଯଦି ରଖିଥିବ ସେ ନେବା ଆଣିବା କରିବ ରାତି ଅନ୍ଧାରର ଭୟ ରହିବନି । ଆରାମରେ ନିଜ ସ୍ୱପ୍ନ ପୂରଣ କରିବା ସହ ସବୁବେଳେ ସୁରକ୍ଷିତ ରହିବ । ସେଥିପାଇଁ ବଏଫ୍ରେଣ୍ଡଟିଏ ରଖିଥାଆନ୍ତୁ ଏକଥା ମୁଁ କୁହେନାହିଁ । ଏକଥା ମୋ ସହଯୋଗୀମାନେ ମୋତେ ଅନେକ ଥର କୁହନ୍ତି କିନ୍ତୁ ଏ ଚଗଲା ମନ କେବେ ଅନ୍ୟ ଉପରେ ନିର୍ଭର କରି ଚଳିବା ଶିଖିନି । ଯେତେଥର ଯାହାବି ଶିଖିଛି ଯାହାବି କରିଛି ନିଜ ହୃଦୟକୁ ପଚାରି କରିଛି ଆଉ ହୃଦୟ ଯେବେ ନା କରିଛି ସେତେବେଳେ ଅନ୍ୟ ଲୋକଙ୍କ ଭଲପାଇବା ଦେଖି ଗୋଟେ ଲମ୍ବା ହସ ଦେଇ ଆଗକୁ ବଢିଛି କିନ୍ତୁ ଅନେକ ଥର ଶୁଣିଛି ବଏଫ୍ରେଣ୍ଡ ରଖିବାର ଫାଇଦା କଣ । ବଏଫ୍ରେଣ୍ଡ ତମ ଜଗୁଆଳି ନୁହେଁ କିନ୍ତୁ ସେ ତମକୁ ଜଗିକି ରୁହେ । ଗାର୍ଲଫ୍ରେଣ୍ଡର ପ୍ରତ୍ୟେକଟି ପସନ୍ଦ ନାପସନ୍ଦକୁ ଜାଣିଥାଏ । ହେଲେ ସେହି ଗାର୍ଲଫ୍ରେଣ୍ଡ କଣ କରେ ଯେଉଁ ବଏଫ୍ରେଣ୍ଡ ତାର ଏତେ ଯତ୍ନ ନିଏ ସେ ଟିକେ ସଫଳତା ପାଇଗଲେ ନୂଆ ବଏଫ୍ରେଣ୍ଡ ସହ ବୁଲାବୁଲି ଆରମ୍ଭ କରିଦିଏ । ମାନୁଛି ସବୁଝିଅ ସମାନ ନୁହଁନ୍ତି କିନ୍ତୁ କିଛି ଝିଅ ନିଜ ସ୍ୱାର୍ଥ ପାଇଁ ମା ଠାରୁ ପୁଅକୁ ଛଡେଇ ଆଣି



ନିଜର କରି ରଖିଥାଆନ୍ତି । ଯେଉଁ ବାପା ମାଙ୍କର ଆଶା ଥାଏ ପୁଅ ରୋଜଗାର କଲେ ଆମ ଘର ଚଳିବ ସେହି ଚଳିବା ପଇସା ହିଁ ଏ ପୁଅ ସେହି ଝିଅ ପଛରେ ଉଡେଇଦେଇଥାଏ । ହୁଏତ ଏକଥା କାହାକୁ ପସନ୍ଦ ଆସିପାରେ କିମ୍ବା ନଆସିପାରେ କିନ୍ତୁ ବର୍ତ୍ତମାନ ଦୁନିଆ ଏମିତି ହିଁ ଚାଲିଛି । ନିଜ ସୁବିଧା ଅନୁଯାୟୀ ମନର ମଣିଷ ତ ମିଳୁଛି କିନ୍ତୁ ଏହି ମନର ମଣିଷ କେତେବେଳେ ହତଆଦର ହୋଇ ଘୃଣାର ପାତ୍ର ହେଉଛି ତାହା ରାତି ପାହିଲେ ଅନେକ ଖବର କାଗଜରେ ପଢିବାକୁ ମିଳିବା ସହ ସୋସିଆଲ ମିଡିଆ ଗୁଡିକରେ ମଧ୍ୟ ଘୁରି ବୁଲୁଛି । ଯେଉଁ ବଏଫ୍ରେଣ୍ଡ ନିଜ ଗାର୍ଲଫ୍ରେଣ୍ଡ ପାଇଁ ଏତେ ସବୁ କରୁଛି ସେହି ଗାର୍ଲଫ୍ରେଣ୍ଡ ବଏଫ୍ରେଣ୍ଡ ଜୀବନ ନେଉଛି ଆଉ କେତେବେଳେ ବଏଫ୍ରେଣ୍ଡ ନିଜ ଗାର୍ଲଫ୍ରେଣ୍ଡର ଜୀବନ ନେଇଯାଉଛି । ତେବେ ଆପଣମାନେ ନିଜେ ଅନୁମାନ କରନ୍ତୁ ବଏଫ୍ରେଣ୍ଡ ଗାର୍ଲଫ୍ରେଣ୍ଡ ରହିବା ନିହାତି ଜରୁରୀ କି । ଯଦି ଜରୁରୀ ନୁହେଁ ତେବେ ଅନ୍ୟମାନେ କାହିଁକି ଏହି ପରାମର୍ଶ ଦେଇଥାନ୍ତି ଆଉ ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ ବୋଲି କହିଥାନ୍ତି ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଆମ ସମାଜରେ ଲଭ, ସେକ୍ସ, ଧୋକାର ସାଇଡ ଇଫେକ୍ଟ ରହିଛି । ଆଗରୁ ପ୍ରେମର ପରିଭାଷା ଅଲଗା ରହିଥିଲା କିନ୍ତୁ ଏବେକାର ପ୍ରେମ ବହୁତ ଭିନ୍ନ ହୋଇଛି । ଯେଉଁମାନେ ଏତେ ଗୁରୁଜ୍ଞାନ ଦେଇ କୁହନ୍ତି ଶୁଣ ଜୀବନରେ ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ । ଖଣ୍ଡେ ବଏଫ୍ରେଣ୍ଡଟିଏ ରଖ । ତେବେ ସେମାନଙ୍କ ପାଇଁ ପଦେ କାହାର କିଛି ପାଇବାର ଆଶା ନଥିଲେ କେହି କାହାର ହୁଅନ୍ତିନି କି କେହି କାହାକୁ ରାତି ଅନ୍ଧାରରେ ଜଗିକି ବସନ୍ତିନି । ଥରେ ଇଜ୍ଜତ ଗଲେ ଆଉ ଇଜ୍ଜତ ମିଳେନି ହୁଏତ ଏକଥା ଅନେକଙ୍କୁ ଦ୍ୱନ୍ଦରେ ପକାଇପାରେ କିନ୍ତୁ ଆପଣ ମାନେ ଜାଣନ୍ତି ଏବେକାର ପ୍ରେମ କିପରି ତେଣୁ ବିଶେଷ କିଛି ଉପସ୍ଥାପନ କରୁନି । କାରଣ ଏହି ପ୍ରେମ ପାଇଁ ମଣିଷ କେବେକେବେ କାନ୍ଦିଛି ଆଉ କେବେକେବେ ଏହି ପ୍ରେମ ପାଇଁ ମଣିଷ ହସିବା ଶିଖିଛି । ଆଉ ବଏଫ୍ରେଣ୍ଡ ଚକରରେ ପଡି ଅନେକଙ୍କ ଜୀବନ ବର୍ବାଦ ମଧ୍ୟ ହୋଇଛି । କେତେବେଳେ ବିଚ ରାସ୍ତାରେ ଝିଅକୁ ପୁଅଟା ପିଟେ ତ ଆଉ କେତେବେଳେ ଝିଅଟା ପୁଅଟାକୁ ପିଟେ । କେତେବେଳେ ଝିଅ ପାଇଁ ପୁଅଟା ରାସ୍ତାର ଭିକାରୀ ହୋଇଯାଏ ତ ଆଉ କେତେବେଳେ ଗୋଟେ ଭଲ ଝିଅକୁ ପାଇ ଘର ସଂସାର କରିବାର ଆଶା ରଖିଥାଏ । ତେଣୁ ଯାହା ଇଚ୍ଛା ହେଉଛି ସେମାନେ ପ୍ରେମ କରନ୍ତୁ କିନ୍ତୁ ଅନ୍ୟମାନଙ୍କୁ ଏ ଅଯଥା ପରାମର୍ଶ ଦେବା ବନ୍ଦ କରନ୍ତୁ । ପ୍ରେମ ବହୁତ ସାଙ୍ଘାତିକ । ପ୍ରେମ ପାଇଁ ଅପରାଧ ବଢ଼େ । ପ୍ରେମ ପାଇଁ ପ୍ରତିଶୋଧର ନିଆଁ ଜଳେ । ପ୍ରେମ ପାଇଁ ହତ୍ୟାକାଣ୍ଡ ମଧ୍ୟ ଘଟେ ଆଉ ଏହି ପ୍ରେମ ପାଇଁ ମଧ୍ୟ ସୋସିଆଲ ମିଡିଆର ଅପବ୍ୟବହାର ମଧ୍ୟ ହୋଇଥାଏ । ତେଣୁ ପ୍ରେମ ଯେମିତି କରନ୍ତୁ ଆପଣଙ୍କ ଇଚ୍ଛାରେ କରନ୍ତୁ କିନ୍ତୁ ଅନ୍ୟମାନେ ଅନ୍ୟ ମାନଙ୍କୁ ପ୍ରେମ କରିବାର ପରାମର୍ଶ ଯେମିତି ନଦିଅନ୍ତୁ । କାରଣ ନୂଆ ନୂଆ ପ୍ରେମ ଭାରି ମିଠା ଲାଗିବ । ରାତିର ସ୍ୱପ୍ନ ହଜେଇ ଦେବ କିନ୍ତୁ ସେ ପ୍ରେମ ଯେତେବେଳେ ପୁରୁଣା ହେବ ସେ ଅନେକ ରାତି ଅନିଦ୍ରା ରହି ନିତିଦିନ କାନ୍ଦିବାର ଅଭ୍ୟାସରେ ପଡ଼ିଯିବ । ମୁଣ୍ଡ ଭାରି ଭାରି ହୋଇ ଏ ଦୁନିଆ ତାକୁ ଅନ୍ଧାର ଲାଗିବ ଆଉ ଶେଷରେ ସେ କହିବ ଏ ମଣିଷ ଜୀବନ କାହିଁକି ରହିବ ।

ତେବେ କାହାର ଆବଶ୍ୟକତା ପାଇଁ ଅନ୍ୟକୁ ବଳୀ ପକେଇବା ଠିକ ନୁହେଁ । ଯେଉଁମାନେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି ସେମାନେ ନିଜ ଜୀବନରେ କେବେ ଉନ୍ନତି କରିପାରନ୍ତିନି । ଯଦି ରାତି ଅନ୍ଧାରର ଭୟ ରହୁଛି ତେବେ ଚାକିରୀ କରିବା ଛାଡି ଦିଅନ୍ତୁ କିନ୍ତୁ ଅନ୍ୟକୁ ମିଛ ପ୍ରତିଶୃତି ଦିଅନ୍ତୁନି । ବର୍ତ୍ତମାନ ଦୁନିଆରେ ପ୍ରକୃତ ପ୍ରେମ ମିଳିବା ବହୁତ କଷ୍ଟ । ଯଦି କିଏ ଦେହ ବଦଳରେ ମନ ଚାହୁଁଛି, ଟଙ୍କା ବଦଳରେ ତମକୁ ଚାହୁଁଛି ତେବେ ଜାଣିଯାଅ ଏ ହେଉଛି ଦୁନିଆର ଶ୍ରେଷ୍ଠ ପ୍ରେମ କିନ୍ତୁ ଆଜିକାଲି ସେମିତି ହେଉନି ମନ ବଦଳରେ ଦେହ, ମଣିଷ ବଦଳରେ ଟଙ୍କା, ଇଚ୍ଛା ନ ପୂରଣ ହେଲେ ହତ୍ୟା । ତେବେ ଆପଣ ଭାବନ୍ତୁ ଆପଣ ଅନ୍ୟ କଥା ଶୁଣିବେ ନା ନିଜ ମନର କଥାକୁ ମାନିବେ ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ରାଜ୍ୟ ଉପକନିଷ୍ଠ କରାଟେ ଉଦ୍‌ଯାପିତ: ବଲାଙ୍ଗିରକୁ ସଫଳତା

ବଲାଙ୍ଗିର, ୨୦/୧୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ରବିବାର ଦିନ ୩୬ତମ ରାଜ୍ୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୨୨ଟି ଜିଲ୍ଲାରୁ ସର୍ବମୋଟ ୫୮୪ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ବଲାଙ୍ଗୀର ଜିଲ୍ଲା କରାଟେ ସଂଘ ପକ୍ଷରୁ ୨୭ ଜଣ ଭାଗ ନେଇଥିବା ବେଳେ ଆନନ୍ଦିତା ସାହୁ,କ୍ରେୟାଂଶ ଲେଙ୍କା, ଲୋକେଶ ବାଗ, ଅଂଶୁମାନ ପୃଷ୍ଟିଙ୍କୁ ସ୍ୱର୍ଣ୍ଣ ପଦକ, ପ୍ରୀୟଦର୍ଶିନି ଦିପଙ୍କୁ ରୋପ୍ୟ ଓ ତ୍ରିଶା ଶୁଭଦର୍ଶୀ ମାଝୀ, ଜସମିନ ସାହୁ, ଅଭିପ୍ସା ଦଲାଇ, ଦୀପିକା ଭୋଇ, ସୁପ୍ରିୟା ସାହୁ, ଦିଶାନ୍ତ ପାଢି, ସାଇ ଶ୍ରୀୟାଂଶିକା ବନଛୋର, ହର୍ଷୀତା ସିଂ କାଂସ୍ୟ ପଦକ ହାସଲ କରିଛନ୍ତି । ବଲାଙ୍ଗୀରକୁ ସର୍ବମୋଟ ୧୫ ଗୋଟି ପଦକ ହାସଲ କରିଛି । ଉଦଯାପନି ଉତ୍ସବରେ ଯୁବନେତା ଜଗନ୍ନାଥ ପ୍ରଧାନ, ଓଡିଶା ରାଜ୍ୟ କରାଟେ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ, ସଂପାଦିକା ଗୌରି ମହାନ୍ତି, ଉପ ସଭାପତି ପ୍ରଦିପ କୁମାର ସରକାର, ସୋମ୍ୟ ରଂଜନ ସାମଲ, କୋଷାଧକ୍ଷ୍ୟ ଖାରବେଳ ମଲ୍ଲିକ, ଯୁଗ୍ମ ସଂପାଦକ କାଳି ପ୍ରସାଦ ନନ୍ଦ, ଉପଦେଷ୍ଟା ସନଥ ନାୟକ ଓ ପ୍ରକାଶ କୁମାତ ପଟ୍ଟନାୟକ ଉପସ୍ଥିତ ଥିଲେ । ବଲାଙ୍ଗିର ଜିଲ୍ଲାରୁ ସୁରେଶ ଚନ୍ଦ୍ର ଜାଲ, ହୃଦୟ ଶବର, ବ୍ୟମୋକେଶ ବେହେରା, ଚନ୍ଦ୍ର ଶେଖର ସେଠ ଓ ଅସିମ ଭୋଇ ରେଫରି ଓ ଜଜ୍ ର କାର୍ଯ୍ୟ ବହନ କରିଥିଲେ । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିବା ଖେଳାଳି ଆସନ୍ତା ମାସରେ ହେବାକୁ ଥିବା ଜାତୀୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତାରେ ଓଡିଶା ରାଜ୍ୟ କରାଟେ ସଂଘ ତରଫରୁ ଭାଗ ନେବେ ବୋଲି ଜିଲ୍ଲା କରାଟେ ସଂଘ ସଂପାଦକ ହୃଦୟ ଶବର ସୂଚନା ଦେଇଛନ୍ତି। ଏହି ସଫଳତାରେ ଜିଲ୍ଲା କରାଟେ ସଂଘର ସଭାପତି ଦେବଦତ ବେହେରା, ଉପସଭାପତି ଉମେଶ ନନ୍ଦ, ଉପଦେଷ୍ଟା ମାନୁଏଲ ନାଗ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦୀପ, ସହ ସଂପାଦକ ସରୋଜକାନ୍ତ ବେହେରା ଟିମ୍ ମ୍ୟାନେଜର ରାଜେନ୍ଦ୍ର ବାଗ, ଟିମ୍ କୋଚ ଗୋପାଳ ସାହୁ, ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ, ମନ ଗୋବିନ୍ଦ ମେହେର, ସମସ୍ତ ସଂଘ ସଦସ୍ୟ, ଖେଳ ପ୍ରେମୀ ଓ ଅଭିଭାବକମାନେ ଅଭିନନ୍ଦନ ଜଣାଇଛନ୍ତି ।

# ଶିଶୁ ମନ୍ଦିରରେ ବାର୍ଷିକ ବନବିହାର କାର୍ଯ୍ୟକ୍ରମ

ଘଟଗାଁ, ୧୯ ନଭେମ୍ବର (ହି.ସ.)- ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର, ଅଳତି ତରଫରୁ ବାର୍ଷିକ ବନ ବିହାର କାର୍ଯ୍ୟକ୍ରମ କଜଳେଇ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ରାଉତଙ୍କ ସଂଯୋଜନାରେ ଶିଶୁ ବାଟିକା ଏବଂ ପ୍ରଥମରୁ ତୃତୀୟ ଶ୍ରେଣୀ ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ଏହି ବନ ବିହାର କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶିଶୁ ଭାଇ ଭଉଣୀ ମାନେ ବିଭିନ୍ନ ଶିଶୁ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ ଏବଂ ଶିଶୁ ମାନଙ୍କ ଦ୍ୱାରା ଗଛ ମୋର ବନ୍ଧୁ ଡ୍ରାମା ପରିବେଷଣ ହୋଇଥିଲା । ଉପସ୍ଥିତ ପ୍ରଧାନ ଆଚାର୍ଯ୍ୟ ଶିଶୁ ମାନଙ୍କର ମାନସିକ ବିକାଶରେ ଶିକ୍ଷାର ଉନ୍ନତି ହେବ ବୋଲି ଉପସ୍ଥିତ ଶିଶୁ ମାନଙ୍କୁ ଉଦବୋଧନ ଦେଇଥିଲେ । ଶିଶୁ ମାନେ ଏହି କାର୍ଯ୍ୟକ୍ରମରେ ଅତ୍ୟନ୍ତ ଆନନ୍ଦିତ ହେବା ସହ ପାହାଡ଼ ଉପରେ ଥିବା ପ୍ରଭୁ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୋଷାଧକ୍ଷ ନିରଞ୍ଜନ ବରାଳ, ସଦସ୍ୟ ସୁଶାନ୍ତ କୁମାର ସେଠୀ ସକ୍ରିୟ ଅଂଶଗ୍ରହଣ କରି ଶିଶୁ ମାନଙ୍କ ବୌଦ୍ଧିକ ବିକାଶରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶିଶୁ ମାନେ ବିଭିନ୍ନ ସୁ ସ୍ୱାଦ ଖାଦ୍ୟ ଖାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଗୁରୁଜୀ ଆଦିତ୍ୟ ନାୟକ, ପ୍ରଫୁଲ୍ଲ ବାରିକ, ହୃଦାନନ୍ଦ ମହାଳିକ, ଟଙ୍କଧର ମାଝୀ, ମମତା ଦେଓ, ଆରତୀ ଲେଙ୍କା, ଅନୁପମା ରାଉତ, ଅମ୍ବିକା ବେହେରା, ମଧୁସ୍ମିତା ରଣା, ଗିରିଜା ସାମଲ, ଚିନ୍ମୟୀ ଶଙ୍ଖୁଆ, ସେଲି ସାହୁ, ସିପ୍ରା ବେନ୍ ସାହୁ, ଅପା କୁନି କାଣ୍ଡୀ ଏବଂ ନନ୍ଦିନୀ କର ସହଯୋଗ କରିଥିଲେ।

# ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଅଗ୍ରଗତି ନିମନ୍ତେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୦/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏଫ୍‌ଏଲ୍‌ଏନ୍ ଜିଲ୍ଲା ପରିଚାଳନା କମିଟି ତଥା ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ (ଏଫଏଲଏନ-ଡିଏସସି-କମ-ଡିପିଏମୟୁ) ସହିତ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ର ଅଗ୍ରଗତି ନିମନ୍ତେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷାରେ ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମର ବର୍ତ୍ତମାନର ଅଗ୍ରଗତି, ଏପର୍ଯ୍ୟନ୍ତ ହାସଲ ହୋଇଥିବା ଶିକ୍ଷଣ ଫଳାଫଳ ଏବଂ ଭବିଷ୍ୟତର କାର୍ଯ୍ୟାନ୍ୱୟନ ପାଇଁ ରଣନୈତିକ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ସାରାଂଶ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଏହି ଯୋଜନାର ସୁଫଳ ମିଳି ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ଓ ଉକ୍ତ ବୈଠକରେ ପିଲାମାନଙ୍କର ପ୍ରାରମ୍ଭିକ ବୟସରେ ଦୃଢ଼ ଶିକ୍ଷାଗତ ଭିତ୍ତି ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଆବଶ୍ୟକୀୟ ଭିତ୍ତିଭୂମି ହାସଲ କରିବା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାପିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ମତପ୍ରକାଶ ପାଇଥିଲା ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁ ସମଗ୍ର ଜିଲ୍ଲାରେ ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିବା ସହ ମାର୍ଗଦର୍ଶନ ଜାରି କରି କୌଣସି ପିଲା ମୌଳିକ ଶିକ୍ଷଣ ଦକ୍ଷତା ହାସଲ କରିବାରେ ପଛୁଆ ରହିବେ ନାହିଁ ଏହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ପ୍ରାଚୀ ତନୟା ଗିରି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଜିଲ୍ଲା ଅନୁଷ୍ଠାନ ଶିକ୍ଷା ଏବଂ ପ୍ରଶିକ୍ଷଣ, ରେମୁଣାର ଅଧକ୍ଷା ଶ୍ରୀମତୀ ଜୟଶ୍ରୀ ବୋଷ ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଚୋରା ଗୋରୁ ବୋଝେଇ ପିକ୍‌ଅପ୍ ଜଳିଗଲା: ୧ଗୋରୁ ଜୀବନ୍ତ ଦଗ୍ଧ



କପ୍ତିପଦା, ୨୦/୧୧ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ଜେଏସ୍ କାମଡିହା ପଞ୍ଚାୟତ ଅନ୍ତର୍ଗତ ପୋଡାଡିହା ଛକରେ ଏକ ଚୋରା ଗୋରୁ ବୋଝେଇ ଜଳିଯିବା ଯୋଗୁଁ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବାର ଜଣାପଡିଛି। ଖବରରୁ ପ୍ରକାଶ ଗତକାଲି ରାତିରେ ଠାକୁରମୁଣ୍ଡା ଅଞ୍ଚଳରୁ ଏକ ପିକ୍‌ଅପ୍ ୮ଟି ଗୋରୁ ନେଇ ଶାଣଦେଇ ଗ୍ରାମ ଦେଇ ଉଦଳା ଅଭିମୁଖେ ଦ୍ରୁତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ପୋଡାଡିହା ଛକ ନିକଟରେ ରାସ୍ତାକଡକୁ ଓଲଟି ପଡିଥିଲା । ଫଳରେ ଗାଡି ନିଆଁ ଲାଗିଯାଇଥିଲା । ଫଳରେ ସେଥିରେ ବୋଝେଇ ହୋଇଥିବା ୮ଟି ଗୋରୁ ମଧ୍ୟରୁ ଗୋଟିଏ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୭ଟି ଗୋରୁଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ। ତେବେ ଖବର ପାଇ ଅଗ୍ନିଶମ ବିଭାଗ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଗାଡି ସଂପୂର୍ଣ୍ଣ ଜଳି ଯାଇଥିଲା । ମାତ୍ର ଗୋ ମାଫିଆମାନେ ରାତାରାତି ଜଳି ଯାଇଥିବା ଗାଡିଟିକୁ ନେଇଯିବା ସହିତ ମୃତ ଗୋରୁକୁ ପୋତିଦେଇ ଆହତ ୭ଟି ଗୋରୁକୁ ଛାଡି ପଳାଇଛନ୍ତି।

# ୨୩ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ

ଜୟପୁର, ୨୦/୧୧ (ନି.ପ୍ର): ମାଝୀଗୁଡା ପଂଚାୟତର ବିଭିନ୍ନ ସ୍ଥାନରେ ଅପରେସନ ଗ୍ରିନ୍ କ୍ଲିନ୍ ଜରିଆରେ ୨୩ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଏନେଇ ବୈପାରୀଗୁଡା ଥାନାରେ ଗଣମଧ୍ୟମକୁ ସୂଚନା ଦେଇଛନ୍ତି ଜୟପୁର ଏସଡିପିଓ ଅଙ୍କିତ୍ କୁମାର ବର୍ମା । ବୈପାରିଗୁଡା ବ୍ଲକର ଜି. ମାଝୀଗୁଡା ପଂଚାୟତର କଟ୍ରାଗୁଡା, ବାଉଁଶିଆଗୁଡା ଏବଂ ଭାଟିପଡା ଅଂଚଳରେ ବେଆଇନ ଭାବେ ୨୩ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ପୁଲିସ ବିଭାଗ ଚଢ଼ଉ କରି ୨୨,୩୦୦ ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରାଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୨ କୋଟି ହେବ ବୋଲି ପୁଲିସ ସୂଚନା ଦେଇଛି। ଏହି ଚଢ଼ଉରେ ଜୟପୁର ଏସଡିପିଓ ଅଙ୍କିତ୍ କୁମାର ବର୍ମାଙ୍କ ସହ ବୈପାରିଗୁଡା ଆଇଆଇସି ଦୀପାଞ୍ଜଳି ପ୍ରଧାନ, ବୈପାରିଗୁଡା ଅତିରିକ୍ତ ତହସିଲଦାର (ମାଜିଷ୍ଟ୍ରେଟ) ଜଗେଶ୍ୱର ସୌରା, ଏସ୍‌ଆଇ ଧିରେନ ବାଇକ୍, ଏଏସଆଇ ଶିବ ଶଙ୍କର ନାୟକ ଏବଂ ମୋତି ସିଂ ନାୟକଙ୍କ ସହିତ ଡିଭିଏଫ ଟିମ୍ ଉପସ୍ଥିତ ଥିଲେ ।

# ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜିତ




ରାଉରକେଲା, ୨୦/୧୧ (ନି.ପ୍ର): ସେଲ ଆରଏସପିର ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ ର ବାର୍ଷିକ ଉତ୍ସବ ନଭେମ୍ବର ୧୭ ତାରିଖରେ ବିଦ୍ୟାଳୟ ପରିସରରେ ଅତି ଉତ୍ସାହର ସହିତ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପ୍ରଭାରୀ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ଦୀପିକା ମହିଳା ସଂଘତିର ଉପାଧକ୍ଷା ଶ୍ରୀମତୀ ନମ୍ରତା ବର୍ମା, ସହର ସେବା ଓ କ୍ରୀଡା ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଟି ଜି କାନେକର, ଏବଂ ସହର ସେବା ଶିକ୍ଷା ବିଭାଗର ଜିଏମ ଶ୍ରୀ ଅସିମ୍ କୁମାର ସାବତ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପ୍ରାୟ ୭୦୦ ଜଣଙ୍କର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଆଲୋକ ବର୍ମା, ଜଣେ ବ୍ୟକ୍ତିଙ୍କ ଜୀବନ ଗଠନରେ ଶିକ୍ଷକ ଏବଂ ପିତାମାତାଙ୍କ ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପିଲାମାନଙ୍କୁ ଆହ୍ୱାନ ଗ୍ରହଣ କରିବାକୁ ଉତ୍ସାହିତ କରି ସେ ସେମାନଙ୍କୁ ବିଫଳତାର ଭୟରୁ ମୁକ୍ତି ପାଇବାକୁ ଏବଂ ସେମାନଙ୍କ ଆଗ୍ରହ କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅନେକ ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏଥିମଧ୍ୟରେ ଦେବସ୍ମିତା ସ୍ମାରକୀ କ୍ୟାଶ୍ ଆୱାର୍ଡ ଏବଂ ରୋଲିଂ ଟ୍ରଫି, ଆର ସି ସିଂ ଆଲୁମନସ୍ ନଗଦ ପୁରସ୍କାର ଏବଂ ରୋଲିଂ ଟ୍ରଫି, କୌଶଲ୍ୟା ଦାଶ ନଗଦ ପୁରସ୍କାର, ଶ୍ରୀମତୀ ଆର ବି ପଟ୍ଟନାୟକ ରୋଲିଙ୍ଗ ଟ୍ରଫି, ଅମ୍ଳାନ ଲେଙ୍କା ସ୍ମାରକୀ ରୋଲିଂ ଟ୍ରଫି ଏବଂ ନଗଦ ପୁରସ୍କାର, ମିସ୍ ବାସନ୍ତୀ ମହାନ୍ତି ନଗଦ ପୁରସ୍କାର ଏବଂ ୧୯୮୦ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟୋଜିତ ଅଲ-ରାଉଣ୍ଡର ମେଧାବୃତ୍ତି ସାମିଲ ଥିଲା। ପ୍ରାରମ୍ଭରେ ଆଇଇଏମଏସର ପ୍ରିନ୍ସିପାଲ୍ ଡକ୍ଟର ସୁଶ୍ରୀତା ଦାସ ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଏକାଡେମିକ୍ ଉତ୍କର୍ଷ ଠାରୁ ଆରମ୍ଭ କରି କ୍ରୀଡା ପର୍ଯ୍ୟନ୍ତ ଭିତ୍ତିଭୂମି ସୁବିଧା ଏବଂ ଏଥିକ୍ସ କ୍ଲବର କାର୍ଯ୍ୟକଳାପ ପର୍ଯ୍ୟନ୍ତ ବିଭିନ୍ନ ଦିଗରେ ବିଦ୍ୟାଳୟର ପ୍ରଦର୍ଶନ ଉପରେ ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ। ଶିକ୍ଷା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ମାନସିଂହ ଦୀପ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଟୁନ୍ ଡ୍ୟାନ୍ସ, ରେଟ୍ରୋ ଡ୍ୟାନ୍ସ, ଏବଂ ଦୁର୍ଗା ଓ ମହିଷାସୁର ନୃତ୍ୟ ସମେତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ ପ୍ରଦର୍ଶନ ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ସାହାଯ୍ୟର ହାତ ବଢାଇଲେ ମାନବ ଅଧିକାର କର୍ମୀ ପ୍ରମିଳା ନାୟକ



ନୀଳଗିରି, ୨୦/୧୧ (ନି.ପ୍ର): ନୀଳଗିରି ବ୍ଲକ ଗରଡିହୀ ପଞ୍ଚାୟତ ଅନୁପମା ବିଶ୍ୱାଳଙ୍କ ପୁଅ ଦୀପ୍ତିକାନ୍ତ ବିଶ୍ୱାଳ(୪୧) ମାନସିକ ବିକାର ଗ୍ରସ୍ଥ ହୋଇ ଗାଁ ଲୋକଙ୍କୁ ପିଟାମରା କରିବା ସହ ସ୍କୁଲ ପିଲାଙ୍କୁ ମଧ ମାରଧର କରୁଥିଲେ। ଏମିତି କି ନିଜ ମା ଅନୁପମାଙ୍କୁ ପିଟାପିଟି କରି ତାଙ୍କ ହାତ ମଧ ଭାଙ୍ଗି ଦେଇଥିଲେ। ଫଳରେ ତାଙ୍କ ମାଆ ଗାଁ ଲୋକଙ୍କ ସହାୟତାରେ ୨୦ ଦିନ ହେବ ଏକ ଘରେ ବନ୍ଦରଖି ଖାଇବାକୁ ଦିଆଯାଉଥିଲା। ହେଲେ ସେ ଖାଦ୍ୟ ନଖାଇବାରୁ ଦୁର୍ବଳ ହୋଇ ଅସୁସ୍ଥ ହୋଇପଡିଥିଲେ। ଏ ବାବଦରେ ଚିନ୍ମୟୀ ମୁଖାର୍ଜୀ ନାମକ ସ୍ଥାନୀୟ ଯୁବକ ବ୍ଲକ ମାନବ ଅଧିକାର ସଦସ୍ୟ ପ୍ରମିଳା ନାୟକଙ୍କୁ ଅବଗତ କରିଥିଲେ। ପ୍ରମିଳା ଉକ୍ତ ଗ୍ରାମର ପହଞ୍ଚି ଏ ବାବଦରେ ଏସଏସଓ ମମତା ନାୟକଙ୍କୁ ଜଣାଇଥିଲେ। ସ୍ଥାନୀୟ ସରପଞ୍ଚ ଶିବାଜୀ ସିଂ ଓ ବରହମପୁର ପୋଲିସ ଅଧିକାରୀଙ୍କ ସହାୟତାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ୧୦୮ ଉପଲବ୍ଧ ନଥିବାରୁ ପ୍ରମିଳା ଏକ ଘରୋଇ ଆମ୍ବୁଲାନ୍ସ କରି ଦୀପ୍ତିକାନ୍ତଙ୍କୁ ନୀଳଗିରି ମେଡିକାଲକୁ ନେଇଥିଲେ । ହେଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ପ୍ରମିଳାଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ଭୁରି ଭୁରି ପ୍ରସଂଶା କରିଛନ୍ତି ।

# ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଚ଼ା ଆଳୁ ବିହନ: ସରକାରଙ୍କ ଆଳୁ ମିଶନ ଗତି କୁଆଡେ

କେନ୍ଦୁଝର, ୨୦/୧୧ (ନି.ପ୍ର): କେନ୍ଦୁଝର ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପୋଚା ଷଡକ୍ଷ ଅବସ୍ଥାରେ ପଡ଼ି ରହିଛି ଆଳୁ ବିହନ । ଫଳରେ ସରକାରଙ୍କ ଆଳୁ ମିଶନ ଗତି କୁଆଡେ ବୋଲି ଉଠିଛି ପ୍ରଶ୍ନ । ସରକାର ଆଳୁ ସମସ୍ୟାଦୁର କରିବା ପାଇଁ ଯେତେ ଚେଷ୍ଟା କରୁଥିବା ବେଳେ ଏହାକୁ ଭଣ୍ଡୁର କରିବାକୁ ଯେଭଳି କିଛି ଅଧିକାରୀ ଅଂଟା ଭିଡ଼ିଥିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି କେନ୍ଦୁଝର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ । କେତେକ ଅଧିକାରୀଙ୍କ, ସରକାର ବିରୋଧି ମନୋଭାବ ଯୋଗୁଁ ସରକାରଙ୍କ ଲୋକାଭିମୁଖି ଯୋଜନା ଗୁଡିକ ବିଫଳ ହେବାସହ ସରକାରଙ୍କୁ ଅପନିନ୍ଦିତ ହେବାକୁ ପଡୁଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ରାଜ୍ୟରେ ଆଳୁ ସଙ୍କଟ ର ସମାଧାନ କରିବ। ପାଇଁ ସରକାରଙ୍କ ପକ୍ଷରୁ ଆଳୁ ମିଶନ ଆରମ୍ଭ ହେଉଥିବା ବେଳେ ଖୋଦ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲାରେ ଚାଷିଙ୍କୁ ଦବାକୁ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ରଖାଯାଇଥିବା ଆଳୁ ବିହିନ ଗୁଡକ ପଚିସଢ଼ି ସେଥିରୁ ଦୁର୍ଗନ୍ଧ ବାହାରୁଛି । ଯାହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ । କେନ୍ଦୁଝର ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ଗୋଟିଏ ଟ୍ରକ ଆଳୁ ବିହନ ପଡ଼ି ପଡ଼ି ପୋଚି ଷଢି ନଷ୍ଟ ହେବାକୁ ହେବାକୁ ଲାଗିଲାଣି । ସଠିକ୍ ସମୟରେ ଚାଷୀଙ୍କୁ ଆଳୁ ବିହନ ନଦେଇ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ନିଘୋଡ ନିଦରେ ଶୋଇଛନ୍ତି । ଏପରିକି ପୋଚା ଷଢା ଦୁର୍ଗନ୍ଧରେ ରାସ୍ତାରେ ଯାଉଥିବା ଲୋକଙ୍କର ନାକ ଫାଟି ପଡୁଛି । ଆଳୁ ବିହନ ବସ୍ତା ଗୁଡିକ ଖୋଲା ମେଲା ରେ ପଡିଥିବା ସହ କିଛି ବିହନ ବସ୍ତା ମଧ ପାଣି ରେ ପଡି ପୋଚୁଛି ସେଥିପ୍ରତି କାହାରି ନିଘା ନାହିଁ । ସେହି ସବୁ ପୋଚା ବିହନ କୁ ଗାଡିରେ ଏବେ ଲଦି ଚାଷିଙ୍କ ପାଖକୁ ପଠା ଯାଉଛି । ଗୋଟିଏ ପଟେ ଚାଷୀଙ୍କୁ ଠିକ ସମୟରେ ଆଳୁ ବିହନ ନଦେଇ ପଚା ଆଳୁ ବିହନ ଚକ୍ଷଷୀଙ୍କୁ ଦିଆଯାଉଛି ଓ ଯାହା ଫଳରେ ଚାଷୀ କ୍ଷତି ସହିବା ସହ ସରକାରଙ୍କ ଆଳୁ ମିଶନ ସମ୍ପୂର୍ଣ ଫେଲ ମାରିବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ସରକାରଙ୍କ ପକ୍ଷରୁ ଅଳୁ ସଙ୍କଟ ଦୂର କରିବା ପାଇଁ ଚେଷ୍ଟୋ ଚାଲି ଥିବା ବେଳେ କେନ୍ଦୁଝର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆଳୁର ଦର ବୃଦ୍ଧି ଯୋଗୁଁ ରାଜ୍ୟ ସରକାର ଏହାର ପ୍ରତିକାର ନିମନ୍ତେ ସମସ୍ତ ଚାଷୀ ମାନଙ୍କୁ ରିହାତି ମୂଲ୍ୟରେ ଆଳୁ ବିହନ ପ୍ରଶାସନ ଦ୍ୱାରା ଯୋଗାଇ ଦେଉଛନ୍ତି। କିନ୍ତୁ ଆଳୁ ଚାଷୀ ମାନଙ୍କୁ ସଠିକ ସମୟରେ ବିହନ ଦିଆ ନ ଯାଇ ନଷ୍ଟ କରାଯାଉଛି। ତେବେ ଏ ନେଇ ଚାଷି ମାନଙ୍କ ଠାରୁ ଅଭିଯୋଗ ପାଇଁ ଆଜି ଖୋଦ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଅଫିସ ରେ ପହଂଚି ଆଳୁ ବିହନର ଏପରି ଅବସ୍ଥା ଦେଖି ଖୁବ୍ ଉଦବେଗ ପ୍ରକାଶ କରିଛନ୍ତି । ସରକାର କୃଷି ଙ୍କର ଆୟ ବୃଦ୍ଧି ଓ ସମୃଦ୍ଧ କରିବା ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ଓ ହେଲେ ଏଠାରେ ବିହନକୁ ସଠିକ ଭାବରେ ରଖାଯାଇ ନାହିଁ ଓ ଅଫିସରଙ୍କର ଅବହେଳା କାରଣରୁ ଏପରି ହୋଇଥିବା କହିଛନ୍ତି ।

# ଡାକ୍ତରଙ୍କ ଅବହେଳା ଯୋଗୁଁ ମୃତ୍ୟୁ ଘଟଣା ନେଇ ଚିକିତ୍ସାଳୟରେ ଉତ୍ତେଜନା

ମାଲକାନଗିରି, ୨୦/୧୧ (ନି.ପ୍ର): ମା ଲକାନଗିରି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ରେ ପଦିଆ କବାସି (୨୪) ନାମକ ଏକ ଯୁବକର ଡାକ୍ତରଙ୍କ ଅବହେଳା ଯୋଗୁଁ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି । ପରିବାର ଲୋକଙ୍କ କହିବା ଅନୁଯାଇ ମୃତ ପଡିଆ କବାସି ନାମକ ଯୁବକ ନିଜ ସ୍ତ୍ରୀ ମୃୟେ କବାସି ଓ ଭାଇ ଭୀମା କବାସି ସହ ମୋଟର ସାଇକେଲ ଯୋଗେ ଶିଖପାଲି ରୁ ନିଜ ଗ୍ରାମ କାଙ୍ଗୁରକୋଣ୍ଡା ଆଜି ଭୋର ସମୟରେ ଫେରୁ ଥି? ବା ସମୟରେ ଏମଭି ୪୦ ଗ୍ରାମ ନିକଟସ୍ଥ ନୂତନ ପୋଲ ପାଖରେଭାର ସାମ୍ଯ ହରାଇ ଦୁର୍ଘଟଣା ହୋଇଥିଲା !ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସକାଳ ସମୟରେ ଅଣାଯାଇଥିଲା । ତେବେ ଦୀର୍ଘ ୬ ରୁ ୭ ଘଣ୍ଟା ସମୟ ଧରି ଯୁବକ ଛଟପଟ ହେଉଥିଲେ ମଧ କୌଣସି ଡ଼ାକ୍ତର ତାଙ୍କୁ ଚିକିତ୍ସା ନକରି ଓଲଟା ମଦ ପିଇ ଦୁର୍ଘଟଣା ହୋଇଥିବା ଲୋକଙ୍କୁ ଆମେ ଚିକିତ୍ସା କରିବୁନାହି ବୋଲି ଡାକ୍ତର କହିଥିବା ଓ ଦୁର୍ବ୍ୟବହାର କରିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି ।

# ଫୁଲବାଣୀ ସଦର ମହକୁମାକୁ ରେଳ ସଂଯୋଗ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା

କନ୍ଧମାଳ , ୨୦/୧୧ (ନି.ପ୍ର): କନ୍ଧମାଳ ଜିଲା ସଦର ମହକୁମାକୁ ରେଳପଥ ସଂଯୋଗ ନେଇ ଜିଲା ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡା ସମ୍ବଲପୁର ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରି ମାନ୍ୟବର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ଫୁଲବାଣୀ ସଦର ମହକୁମା ଦେଇ ନିର୍ମାଣ କରିବା ନିମନ୍ତେ ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଦାବୀକୁ ରେଳ ମନ୍ତ୍ରଣାଳୟ ଗ୍ରହଣ କରି ଗତ ୨୦୨୧-୨୨ରେ ଆର୍ଥିକ ଅନୁଦାନ ମଞ୍ଜୁର କରିଥିଲେ।କିନ୍ତୁ ଗତ ୨୦୨୨-୨୩ରେ ଓଡିଶା ସରକାରଙ୍କ ଓରିଡିଲ ପକ୍ଷରୁ ଦାଖଲ କରାଯାଇଥିବା ଡିପିଆରରେ ଫୁଲବାଣୀ ସଦର ମହକୁମାକୁ ବାଦ ଦେଇ ଚକାପାଦଠାରୁ ଖୋର୍ଦ୍ଧା। ବଲାଙ୍ଗୀର ରେଳପଥର ଆଡେଣିଗଡଠାରେ ସଂଯୋଗ କରୁଥିବା ରେଳବିଭାଗ ୱେବସାଇଟରେ ସ୍ଥାନିତ କରାଯାଇଛି। ଫୁଲବାଣୀ ସଦର ମହକୁମା ରେଳ ସଂଯୋଗରୁ ବାଦ ପଡିବା ଫଳରେ ଜିଲ୍ୱାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଥିରେ ଜିଲା ମିଳିତ ନାଗରିକ କମିଟି ଉଦବେଗ ପ୍ରକାଶ କରି ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ତାଙ୍କ ସହ ଆଲୋଚନା କରିଥିଲେ। ଫୁଲବାଣୀ ସଦର ମହକୁମାକୁ ସଂଯୋଗ କରି ନୂଆ ଡିପିଆର ପ୍ରସ୍ତୁତ କରି ରାଜ୍ୟ ସରକାର ରେଳମନ୍ତ୍ରଣାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇ ଡିପିଆର ଫେରସ୍ତ କରାଯାଇଛି ବୋଲି ରେଳମନ୍ତ୍ରୀ ଦଶପଲା ଷ୍ଟେସନ ଉଦଘାଟନ ଅବସରରେ ଘୋଷଣା କରିଥିଲେ। ଇତି ମଧ୍ୟରେ ନୂଆ ଡିପିଆର ପ୍ରସ୍ତୁତ କରିବାକୁ ଏକ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ କୌଣସି ଅଗ୍ରଗତି ହୋଇନଥିବାରୁ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସୁପାରିଶ କରିବାକୁ ଶ୍ରୀ ପରିଡା ଅନୁରୋଧ କରିଛନ୍ତି ।କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ମାନ୍ୟବର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିବା ଜଣାଯାଏ।

# ଗ୍ୟାସ ଟାଙ୍କି ଫାଟି ଜଳିଗଲା ଘର



କପ୍ତିପଦା, ୨୦/୧୧ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ସଦର ପଞ୍ଚାୟତର ସିମୁଳିଆ ଗ୍ରାମରେ ରୋଷେଇ ଗ୍ୟାସ ଟାଙ୍କି ଫାଟି ୪ବଖରା ଘର ପୋଡିଯିବା ସହିତ ଲକ୍ଷାଧିକ ଟଙ୍କାର ସଂପତ୍ତି ପୋଡି ପାଉଁଶ ହୋଇଯାଇଥିବାର ଜଣାପଡିଛି। ଖବରରୁ ପ୍ରକାଶ ସିମୁଳିଆ ଗ୍ରାମର ମାୟାଧର ବେହେରାଙ୍କ ଘରେ କେହି ନଥିବାବେଳେ ଅପରାହ୍ନ ୫ଘଟିକା ସମୟରେ ରୋଷେଇ ଗ୍ୟାସ ଟାଙ୍କି ଫାଟି ଘରେ ନିଆଁ ଲାଗିଯାଇଥିଲା । ଫଳରେ ଘରେ ଥିବା ସମସ୍ତ ଆସବାବ ପତ୍ର,ସମସ୍ତ ବ୍ୟବହାର ସଂରଜାମ ସହିତ ପିଲାଙ୍କ ବହିଖାତା ଓ ସାର୍ଟିଫିକେଟ୍ ସବୁ ପୋଡି ପାଉଁଶ ହୋଇଯାଇଛି । ଅଗ୍ନିଶମ ବିଭାଗ ଆସି ନିଆଂକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ପ୍ରାୟ ଲକ୍ଷାଧିକ ଟଙ୍କାର ସଂପତ୍ତି ପୋଡି ସାରିଥିଲା ।

# ପଞ୍ଚମ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୦/୧୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ପଞ୍ଚମ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମାନ୍ୟବର ସାଂସଦ, ବାଲେଶ୍ୱର ତଥା ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି ଅଧ୍ୟକ୍ଷ (ଦିଶା) ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ସାଂସଦ, ଭଦ୍ରକ ଶ୍ରୀ ଅଭିମନ୍ୟୁ ସେଠୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ସୋରଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ ଭୋଗରାଇଙ୍କ ପ୍ରତିନିଧି, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଶ୍ରୀ ନାରାୟଣ ପ୍ରଧାନ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାର ଗ୍ରାମୀଣ ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକ ପ୍ରାରମ୍ଭରେ ଶ୍ରୀ ନାୟକ ପୂର୍ବ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟ ରିପୋର୍ଟ ପାଠ କରିଥିଲେ ଓ ଏହା ପରେ ଦିଶା କମିଟିର ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହିତ ଉପସ୍ଥିତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ଏହି ସମ୍ପର୍କରେ ପଚାରି ବୁଝିଥିଲେ ଓ ସଭା କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗର ଅଧିକାରୀମାନେ ଗୃହକୁ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ ଉପସ୍ଥିତ ସଦସ୍ୟ/ ସଦସ୍ୟାମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ସର୍ବପ୍ରଥମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାର ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିଷୟରେ ତଥ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଉଥିବା ମୃତ୍ତିକା ସର୍ବେକ୍ଷଣ



ଓ ମୃତ୍ତିକା ନମୁନା ସଂଗ୍ରହର ବିଶ୍ଳେଷଣ ରିପୋର୍ଟ ପ୍ରଦାନ କରିଥିଲେ । ସେହି ଭଳି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଜିଲ୍ଲାର ଯେଉଁ ସବୁ ରାସ୍ତା ପ୍ରକଳ୍ପ କାମ ସରିଛି ତାହା ଉପରେ ଅଧିକାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ଯେଉଁ ସବୁ ରାସ୍ତା ନିର୍ମାଣ କାମ ଚାଲିଛି ତାହା ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ଓ 'ଜଳ ଜୀବନ ମିଶନ' ଜିଲ୍ଲାର ୧୨ ଗୋଟି ବ୍ଲକ ଅଧୀନ ୨୬୬୩ ଟି ଗ୍ରାମରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ ଓ ଜିଲ୍ଲାରେ ଖୁବ ଶୀଘ୍ର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଡାକ୍ତର ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ସୂଚନା ଦେଇଥିଲେ। ସେହି ଭଳି ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଜାତୀୟ ରାଜପଥ ନିର୍ମାଣର ଅଗ୍ରଗତି ଓ ରକ୍ଷଣାବେକ୍ଷଣ, ଶିକ୍ଷା ବିଭାଗ ଅନ୍ତର୍ଗତ ପିଏମ ଶ୍ରୀ ଯୋଜନା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ପୋଷାକ ବଣ୍ଟନ, ଓଏଭି ସ୍କୁଲଗୁଡିକର କାର୍ଯ୍ୟକାରିତା, ପ୍ରାଣୀଚିକିତ୍ସା ବିଭାଗ ଅନ୍ତର୍ଗତ ଦେଶବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ବିଭାଗ ଅନ୍ତର୍ଗତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସମାଜ ମଙ୍ଗଳ ବିଭାଗ ଅନ୍ତର୍ଗତ ପିଏମ ପୋଷଣ ଯୋଜନା, ପ୍ରଧାନ ମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଇତ୍ୟାଦି ସମ୍ପର୍କରେ ଅଧିକାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ନିର୍ଦ୍ଧାରିତ ଲକ୍ଷ ପୂରଣ ଉପରେ ମଞ୍ଚାସୀନ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ଓ ଏଥି ସହିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟର ବ୍ୟବହାରିକ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ ଜନପ୍ରତିନିଧିଗଣ ଯୋଗଦେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବୀ, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶୃତି ହାସଲ କରିଥିଲେ । ସଭାରେ ପଚରାଯାଇଥିବା ସମସ୍ତ ଦ୍ୱନ୍ଦକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ପ୍ରତିଶୃତି ଦେଇ ଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଭା ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଦ୍ୟୁତଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ କେଶରୀ - ହରେକୃଷ୍ଣ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲା ବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହତାବ। ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରାଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ମହତାବଙ୍କ ସହିତ ବହୁ ଜାତୀୟ ନେତାଙ୍କୁ ଗିରଫ କରିଥିଲେ। ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ।

ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ। ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଞ୍ଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ। ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ। ସେ 'ବିଷୁବ ମିଳନ'ର ଶୁଭାରମ୍ଭ କରିଥିଲେ। ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତ କଳା ଏକାଡେମୀର ମଧ୍ୟ ସଭାପତି ଥିଲେ। ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚଷାଭାଇ', 'ପଲାସୀ ଅବସାନ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁ ମାଟି, 'ଗାଁ ଟାଉଟର', 'ଅବ୍ୟାପାର', 'ଫ୍ରିଡମ୍ ମୁଭ୍ମେଣ୍ଟ ଅଫ୍ ଓଡିଶା ଓ ହ୍ୱାଇଲ୍ ସର୍ଭିଂ ମାଇଁ କନ୍ଟ୍ରି।

ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳି ପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରସଂସାର ପାତ୍ର। ତାଙ୍କର ପଣ୍ଡିତ ପଣିଆ, ବୁଦ୍ଧ ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ।

୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସବୁଆଡେ ଦୁଃଖର ଛାୟା "ଉତ୍କଳ କେଶରୀ" ଆଉ ନାହାନ୍ତି। ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କି ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକ ଶାସନର ସୂତ୍ରଧର ରୂପେ ଅପରାଜୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଞ୍ଚି ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

# ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବଲାଙ୍ଗୀର

ବଲାଙ୍ଗୀର, ୨୦/୧୧ (ନି.ପ୍ର): ଖୁଜେନପାଲି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସଭାପତି ଡ. ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟ ୨୦୨୪ ପରିବାର ମିଳନ କାର୍ଯ୍ୟକ୍ରମ ବିକ୍ରମାନନ୍ଦ ବହିଦାର, ମୁଖ୍ୟ ଉପଦେଷ୍ଟା ଶୁଭାରମ୍ଭ କରିଥିଲେ । ସଂଘର ସଂପାଦକ ବସନ୍ତ ଆଚାର୍ଯ୍ୟ ଉକ୍ତ ଉତ୍ସବ ସମ୍ୱନ୍ଧେ ସମସ୍ତ ପରିବାର ବର୍ଗଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ସଂଘର ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ମଂଚ ପରିଚାଳନା କରିବାକୁ ଆହ୍ୱାନ କରିଥିଲେ। ମଂଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ଶ୍ରୀ ବହିଦାରଙ୍କ ଅଭିଭାଷଣ ପରେ ଶ୍ରୀ ପଣ୍ଡା ମୁଖ୍ୟବକ୍ତା ଜଗଦାନନ୍ଦ ଛୁରିଆ ଏବଂ କବିରାଜ ଭୋଇ, ଅଧ୍ୟକ୍ଷ ସାହାଜବାହାଲ ଡିଗ୍ରୀ କଲେଜ ଆମନ୍ତ୍ରଣ କରି ନିଜର ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ। ବକ୍ତବ୍ୟରେ ଉଭୟ ବକ୍ତା ପବିତ୍ର ନୁଆଁଖାଇ ଉତ୍ସବର ମହତ୍ୱ, ପାରମ୍ପରିକ ସଂସ୍କୃତି, ମୈତ୍ରୀ ଓ ଭାଇଚାରା ଉପରେ ଚାଂଚଲ୍ୟକର ବୟାନ ଦେଇ ବରିଷ୍ଠ ନାଗରିକମାନଙ୍କ ଜୀବନ ଓ ଶୈଳୀ ଉପରେ ଯତ୍ନବାନ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

## ଅବସରପ୍ରାପ୍ତ ଆରକ୍ଷୀ କର୍ମଚାରୀଙ୍କ ସମ୍ମିଳନୀ

କୋରେଇ, ୨୦/୧୧ (ନି.ପ୍ର): ଯାଜପୁର ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ସମ୍ମିଳନୀ ଆଜି ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ସେମାନଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ହରିଶ ଚନ୍ଦ୍ର ରାଉତରାୟ, ରାଜ କିଶୋର ନାୟକ,ସୁବାସ ଚନ୍ଦ୍ର ପଣ୍ଡା, ସୁକାନ୍ତ କୁମାର ପ୍ରଧାନ, ଗଣେଷ ରାଉତ, ମହେଶ ଚନ୍ଦ୍ର ମହାନ୍ତି, ରୁଦ୍ର ପ୍ରତାପ ରାୟ, ଅଶୋକ ବିଶ୍ୱାଳ, ଗଦାଧର ରାଉତ, ଘନଶ୍ୟାମ ସେଠୀ, ରତ୍ନାକର ସାମଲ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଯାଜପୁର ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ସଂଘ ଗଠନ କରାଯିବାକୁ ନିଷ୍ପତି ନିଆଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହାରାଷ୍ଟ୍ର-ଝାଡ଼ଖଣ୍ଡ...

ଚାଣକ୍ୟ ଷ୍ଟ୍ରାଟେଟିଜ୍ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ମହାରାଷ୍ଟ୍ରରେ ମହାଯୁତି ସରକାରକୁ ଫେରିବ। ଭାଜପା ସହଯୋଗୀ ଦଳ ୧୫୨ ରୁ ୧୬୦ ଆସନ ପାଇବେ। କଂଗ୍ରେସ ମିଳିତ ଇଣ୍ଡିଆ ମେଣ୍ଟ ୧୩୦ ରୁ ୧୩୮ ଆସନ ପାଇବ। ସେହିପରି ଝାଡ଼ଖଣ୍ଡରେ ଏନଡିଏ ଆଗୁଆ ରହିଥିବା ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଛି। ମାଟ୍ରିଜ୍ ଏକ୍‌ଜିଟ୍ ପୋଲ୍‌ରେ ଝାଡ଼ଖଣ୍ଡରେ ଭାଜପା ନେତୃତ୍ୱାଧୀନ ଏନଡିଏକୁ ୪୨ରୁ ୪୭ଟି ଆସନ ମିଳିବ। ସେହିପରି ଇଣ୍ଡିଆ ମେଣ୍ଟକୁ ୨୫ରୁ ୩୦ ଆସନ ମିଳିବ। ଅନ୍ୟାନ୍ୟ ଦଳ ୧ରୁ ୪ଟି ମଧ୍ୟରେ ଆସନ ପାଇବେ ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ବିଧାୟକଙ୍କୁ ପିଟି ...

ତାଙ୍କ ଗାଡ଼ି ଆଡ଼କୁ ମାଡ଼ି ଆସିଥିଲେ। ସେମାନେ ବିଧାୟକ ଶ୍ରୀ ସାହୁଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କୁ ଧକ୍କା ମାରିଥିଲେ। ତାଙ୍କ ସୁନା ଚେନ୍ ଛିଣ୍ଡାଇ ନେଇ ଯାଇଥିଲେ। ତାଙ୍କ କାରକୁ ଲୁହା ରଡ୍ ଓ ଠେଙ୍ଗାରେ ପିଟିଥିଲେ। ଫଳରେ ତାଙ୍କ କାରର କାଚ ଭାଙ୍ଗି ଯାଇଛି। ଗଲା ବେଳେ ସେମାନେ ବବି ଭାଇ ଜିନ୍ଦାବାଦ ନାରା ପକାଇଥିଲେ। ଏମିତିକି ବିଜେପି ନେତା ଯାଜପୁରକୁ ଆସିଲେ ମାଡ଼ ଖାଇବେ ବୋଲି କହିଥିଲେ। ବିଧାୟକ ଶ୍ରୀ ସାହୁ କହିଛନ୍ତି, କିଛି ଲୋକ ରାସ୍ତାରୋକ କରିଥିଲେ। ରାସ୍ତା ବନ୍ଦ ଥିବାରୁ ମୋ ଗାଡ଼ି ସେଠାରେ ଅଟକି ଥିଲା। ରାସ୍ତା ବନ୍ଦ ଥିବାରୁ ମୋ ଗାଡ଼ି ସେଠାରେ ଅଟକି ଥିଲା। ସେମାନେ ମୋ ଗାଡ଼ିକୁ ରଡ୍ ? ଓ ଠେଙ୍ଗାରେ ପିଟିଥିଲେ। ଗାଡ଼ିରେ ମୋତେ ଦେଖି ମୋ ଆଡ଼କୁ ମାଡ଼ି ଆସିଥିଲେ। ମୋତେ ପିଟି, ମୋ ଚେନ୍ ଛିଡ଼ାଇ ନେଇଥିଲେ। ବବି ଭାଇ ଜିନ୍ଦାବାଦ୍ କହି ମୋତେ ସେମାନେ ଆକ୍ରମଣ କରିଥିଲେ। ତୁରନ୍ତ ଏଠୁ ପଳା, ନହେଲେ ମାରିଦେବୁ ବୋଲି ସେମାନେ କହିଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ବିଜେପି କର୍ମୀ ଓ ସମର୍ଥକମାନେ ସେଠାରେ ପହଞ୍ଚିଛନ୍ତି। ସେମାନେ ବିଧାୟକଙ୍କ ଗାଡ଼ିକୁ ଘେରି ରହିଛନ୍ତି। ପୁଲିସ ସେଠାରେ ଉପସ୍ଥିତ ଅଛି। ଘଟଣାର ତଦନ୍ତ ପାଇଁ ପୁଲିସ ୩ଟି ଟିମ୍ ଗଠନ କରିଥିବା ଜଣାପଡ଼ିଛି। ବିଧାୟକ ହିମାଂଶୁ ସାହୁ ରାସ୍ତାରେ ଅଟକି ରହିଛନ୍ତି। ସେ ଘଟଣାସ୍ଥଳ ଛାଡ଼ି ନାହାନ୍ତି। କାହିଁକି ତାଙ୍କ ଉପରକୁ ଆକ୍ରମଣ ହେଲା ବୋଲି ସେ ପ୍ରଶ୍ନ କରିବା ସହିତ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ରାସ୍ତାରୁ ସେମାନେ ହଟିବେ ନାହିଁ କହିଛନ୍ତି ବିଜେପି କର୍ମୀ ଓ ସମର୍ଥକ। ଯାଜପୁର ଟାଉନ୍ ଥାନା ଆଗରେ ଉତ୍ତେଜନା ଦେଖାଦେଇଛି। ପ୍ରଣବ ପ୍ରକାଶ ଦାସଙ୍କ ସମର୍ଥକମାନେ ପ୍ରତିବାଦ କରୁଛନ୍ତି। ପ୍ରଣବଙ୍କ ଭାଇ ଲଲ ଥାନାରେ ପହଞ୍ଚିଛନ୍ତି। ଲଲ ତାଙ୍କୁ ଫୋନ୍ କରିଥିଲେ ବୋଲି ଅଭିଯୋଗ କରିଥିଲେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ।

## ୨୫ ଲକ୍ଷର ...

ଆଗରୁ ଛକି ବସିଥିବା ୬ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ସେମାନେ ବନ୍ଧୁକ ଏବଂ ଭୁଜାଲି ଦେଖାଇ ବାପପୁଅଙ୍କୁ ଭୟଭୀତ କରି ଅଳଙ୍କାର ଭର୍ତ୍ତି ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ପ୍ରଥମେ ବାପପୁଅ ଏହାକୁ ବିରୋଧ କରିଥିବା ବେଳେ ସେମାନେ ଉଭୟଙ୍କୁ ପ୍ରବଳ ପିଟିବା ସହ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଲୁଟି ନେଇଥିଲେ। ଏହାପରେ ଦୁଇଟି ବାଇକ୍ ଯୋଗେ କରଞ୍ଜିଆ ରାସ୍ତାରେ ଫେରାର ଯାଇଥିଲେ । ପରେ ହିରଣ୍ୟମୟୀ ଛକକୁ ଯାଇ ଲୋକଙ୍କୁ ଲୁଟ୍ ସମ୍ପର୍କରେ ସୂଚନା ଦେଇଥିଲେ। କିଛି ସ୍ଥାନୀୟ ଲୋକେ ଲୁଟେରାଙ୍କ ପିଛା କରିଥିଲେ ସୁଦ୍ଧା ତାଙ୍କର ଟେର ପାଇନଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି। ତେବେ ଲୁଟେରାଙ୍କ ସନ୍ଧାନ ମିଳି ପାରି ନ ଥିବା ଜଣାଯାଇଛି।

## 'ଦାନା' କ୍ଷୟକ୍ଷତି ଆକଳନ ...

ସେମାନେ ୨୫ରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଯାଇ କ୍ଷୟକ୍ଷତି ଆକଳନ ଓ ସ୍ଥିତି ପରଖିବେ। ୨୬ତାରିଖରେ ଲୋକସେବା ଭବନରେ ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ ରିପୋର୍ଟ ଦେବେ। କେନ୍ଦ୍ରୀୟ ଟିମ୍ ଗସ୍ତବେଳେ ଜିଲ୍ଲାପାଳମାନେ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି କେନ୍ଦ୍ରୀୟ ଟିମ୍ ଫେରିଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରୀୟ ଟିମ୍ ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ ସହାୟତା ରାଶି ଆସିବ।

## ଫେବ୍ରୁଆରୀ ୧୮ରୁ ...

ମାର୍ଚ୍ଚ ୨୧ରେ କଂପ୍ୟୁଟର ସାଇନ୍ସ, ବାୟୋଟେକ୍ନୋଲୋଜି ଓ ଇଲେକ୍ଟ୍ରୋନିକ୍ସ ଏବଂ ୨୬ ତାରିଖରେ ବାୟୋଲୋଜି (ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ) ପରୀକ୍ଷା ଅଛି। ୨୬ ତାରିଖରେ ସକାଳ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଉଦ୍ଭିଦ ବିଜ୍ଞାନ ପରୀକ୍ଷା ଥିବା ବେଳେ ୧୧ଟା ୫୦ରୁ ୧ଟା ୨୦ ପର୍ଯ୍ୟନ୍ତ ପ୍ରାଣୀ ବିଜ୍ଞାନ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ୨୫ ତାରିଖରେ କଳା ଓ ବାଣିଜ୍ୟ ପିଲାଙ୍କର ଇଂରାଜୀ ପରୀକ୍ଷା ହେବ। ମାର୍ଚ୍ଚ ୪ରେ କଳା ପିଲାଙ୍କର ଇତିହାସ ଥିବା ବେଳେ ବାଣିଜ୍ୟ ପିଲାଙ୍କର ବିଜ୍‌ନେସ୍ ଷ୍ଟଡିଜ୍ ଓ ମ୍ୟାନେଜମେଣ୍ଟ ପରୀକ୍ଷା ହେବ। ମାର୍ଚ୍ଚ ୮ ତାରିଖରେ କଳା ଛାତ୍ରଛାତ୍ରୀଙ୍କର ରାଜନୀତି ବିଜ୍ଞାନ ପରୀକ୍ଷା ଥିବା ବେଳେ ବାଣିଜ୍ୟ ପିଲାଙ୍କର ବିଜ୍‌ନେସ୍ ମ୍ୟାଥମେଟିକ୍ସ ଓ ଷ୍ଟାଟିଷ୍ଟିକ୍ସ ପରୀକ୍ଷା ହେବ। ୧୦ ତାରିଖରେ କଳା ଓ ବାଣିଜ୍ୟ ପିଲାଙ୍କ ଅଲ୍ ଅଦର ଏମ୍ଆଇଏଲ୍ (ହିନ୍ଦୀ, ବେଙ୍ଗଲୀ, ତେଲୁଗୁ, ଉର୍ଦ୍ଦୁ, ସଂସ୍କୃତ ବା ଅଲ୍‌ଟରନେଟିଭ୍ ଇଂରାଜୀ) ପରୀକ୍ଷା ହେବ। ୧୭ ତାରିଖରେ କଳା ଛାତ୍ରଛାତ୍ରୀଙ୍କର ଗଣିତ ପରୀକ୍ଷା ଥିବା ବେଳେ ୧୯ ତାରିଖରେ ଭୂଗୋଳ, ୨୦ରେ ଅର୍ଥନୀତି, ୨୨ରେ ସାଇକୋଲୋଜି ଓ ଏଜୁକେସନ ପରୀକ୍ଷା ଅଛି। ୨୪ ତାରିଖରେ କଳା ପିଲାଙ୍କର ଷ୍ଟାଟିଷ୍ଟିକ୍ସ, ଆନନ୍ଥ୍ରୋପୋଲୋଜି, ସୋସିଓଲୋଜି ଓ ୨୭ରେ ଲଜିକ୍ ପରୀକ୍ଷା ଅଛି। ସାମ୍ସ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଦେବା ପାଇଁ ୩ ଲକ୍ଷ ୬୪ ହଜାର ୫୨୭ ଜଣ ରେଗୁଲାର ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ କଳାର ୨ ଲକ୍ଷ ୨୯ ହଜାର ୬୦୪ ଜଣ ହୋଇଥିବା ବେଳେ ବାଣିଜ୍ୟର ୨୩ ହଜାର ୫୬୦, ବିଜ୍ଞାନର ୧ ଲକ୍ଷ ୬ହଜାର ୩୨୫ ଓ ଧନ୍ଦାମୂଳକ ଶିକ୍ଷାର ୫୦୩୮ ଜଣ ଅଛନ୍ତି। ସେହିଭଳି ୨୭ ହଜାର ୨୮୨ ଜଣ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

## ଖୋଲିଲା ଧାନ ମଣ୍ଡି...

କିଣା ଆରମ୍ଭ ହେବ । ଆମ ସରକାର ଦେଇଥିବା କଥା ରଖିଲା। ସୀମା ସିଲ୍ କରାଯିବାର ବ୍ୟବସ୍ଥା କରାଯାଇଛି। ସୀମାରେ ସିସିଟିଭି ଲଗାଯାଇଛି। ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟର ଧାନ ଆମ ରାଜ୍ୟରେ ପଶିବନି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ମଣ୍ଡିରେ ଚାଷୀଙ୍କ ପାଇଁ ଖାଇବା, ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପଲିଥିନ ବ୍ୟବସ୍ଥା ବି କରାଯାଇଛି। ବାହାର ରାଜ୍ୟର ଧାନ କିପରି ଆମ ରାଜ୍ୟରେ ପ୍ରବେଶ ନ କରିବ ତାହାର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲ୍ଲାରେ ବିଜେପି କର୍ମୀ ବି ସଜାଗ ଅଛନ୍ତି। ଧାନର ଯେପରି କଳା ବଜାରୀ ନ ହେବ କି ଚୋରା କାରବାର ନ ହେବ ତା' ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି। ତେବେ ଏଥର ଯେପରି ଧାନର କଳାବଜାରୀ ନ ହୁଏ ତା' ଉପରେ କଡ଼ା ନଜର ରଖାଯାଇଛି। ଧାନ କିଣାରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ଅଫିସର ଜଗିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ୪ରୁ ୫ଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ଓ ଦଲାଲମାନେ ଯେପରି ମଣ୍ଡିକୁ ନ ଆସିବେ ସେଥିପାଇଁ ପାଟ୍ରୋଲିଂ କରାଯିବ। ୮୦୦ ଟଙ୍କା ସବସିଡି ପାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

## ଟ୍ରମ୍ପଙ୍କ ଭୟରେ ଭାରତର...

ଏଥି ସହିତ ଚୀନ୍ ବାସୀଙ୍କ ପାଇଁ ଭାରତ ଦ୍ୱାରା ଅଧିକ ଭିସା ପ୍ରଦାନ କରାଯିବ। ଆଗି କହିଛନ୍ତି, ଆମେରିକାର ନୂତନ ପ୍ରଶାସନ ଉତ୍ପାଦନକୁ ଚୀନ୍ ଠାରୁ ଦୂରେଇ ନେଇ ଆମେରିକାରେ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। କିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମେରିକାର କଂଗ୍ରେସ କମିଟି ଚୀନ୍ ସହିତ ବାଣିଜ୍ୟ ସମ୍ପର୍କକୁ କଡାକଡି କରିବାକୁ ପରାମର୍ଶ ଦେଇଛି। ପ୍ରାୟ ୨୫ବର୍ଷ ପୁରୁଣା ନିଷ୍ପତ୍ତିକୁ ବାତିଲ କରିବାକୁ ଆମେରିକା ଚିନ୍ତା କରୁଛି। ଯାହା ଚୀନ୍‌ର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିଛି ଏବଂ ଆମେରିକାର ଅନେକ ଲୋକ ବର୍ତ୍ତମାନ ଆମେରିକାର ସ୍ୱାର୍ଥ ପାଇଁ ଏହା କ୍ଷତିକାରକ ବୋଲି ବିବେଚନା କରୁଛନ୍ତି। ଆମେରିକା-ଚୀନ୍ ଅର୍ଥନୈତିକ ଏବଂ ସୁରକ୍ଷା ସମୀକ୍ଷା ଆୟୋଗ ପ୍ରଥମ ଥର ପାଇଁ କଂଗ୍ରେସକୁ ଦେଇଥିବା ନଅ ପୃଷ୍ଠାର ବାର୍ଷିକ ରିପୋର୍ଟରେ ଚୀନ୍ ସହିତ ସ୍ଥାୟୀ ସାଧାରଣ ବାଣିଜ୍ୟିକ ସମ୍ପର୍କ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଫଳରେ ଟ୍ରମ୍ପ ପ୍ରଶାସନ ଅଧୀନରେ ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ ତୀବ୍ର ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

OFFICE OF THE SUPERINTENDING ENGINEER,
BETNOTI CANAL DIVISION, LAXMIPOSI,
AT/PO: - LAXMIPOSI, DIST: -MAYURBHANJ.
Email ID-eebcd.laxmiposi@gmail.com
Bid Identification No. 03/ 2024-25 of S.E, Betnoti Canal Division, Laxmiposi

| | | |
|---|---|---|
| 1 | Name of Work | Civil construction works |
| 2 | Total No of Projects | 10 Nos. of individual works |
| 3 | Estimated Cost of individual works | Varies from Rs.2,84,450/- to Rs.4,99,187/- (Excluding G.S.T.) |
| 4 | Period of Completion | 01(One) Calendar Month |
| 5 | Bid Identification No | 03/ 2024-25 of S.E, Betnoti Canal Division, Laxmiposi |
| 6 | Class of Contractor | "D" &"C" or, equivalent Class |
| 7 | Date & Time of sale & receipt of bid documents in the O/O S.E. Betnoti Canal Division, Laxmiposi | Dt.22.11.2024 at 10:00 AM to Dt.05.12.2024 up to 5.0P.M. |
| 8 | Date of Opening of Bid | Dt.06.12.2024 at 11:30 AM in the O/O S.E. Betnoti Canal Division, Laxmiposi |
| 9 | Name & Address of the O.I. T | Superintending Engineer, Betnoti Canal Division, Laxmiposi |

OIPR: 32272/11/0004/2425

Superinitending Engineer,
Betnoti Canal Division, Laxmiposi

WORKS DEPARTMENT

OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK-35 /2024-25
No. 7387 / dt 19-11-24

1. Nature of work: - - Electrical Work
2. Number of works: -1(One) No
3. Amount put to Tender: . Rs5,81,494/,
4. Class of Contractor: HT
5. Date & Time of availability of bid document in the portal: - 26.11.2024 at 11.00 AM
6. Last Date / Time of receipt of bid in the portal: - 04.12.2024 up to 05.00 PM
7. Date of opening of bid: - Dt. 05.12.2024 at 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

OIPR: 34079/11/0014/2425

Superinitending Engineer,
Bhadrak (R&B) Division

ଗୁରୁବାର, ୨୦ ନଭେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଖଇରା ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ୧୨୬ ପ୍ରକଳ୍ପ

ଖଇରା, ୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୁଆଗାଁ ପଞ୍ଚାୟତ ଅଧୀନ ବାଘୁଆ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଦର ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଓଷ୍ଠା ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ,ବିଜ୍ଞାନମେଳା ସଂଯୋଜକ ଜୟନ୍ତ କୁମାର ପଣ୍ଡା,ଏବିଇଓ ପାର୍ବତୀ ପଣ୍ଡା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ରିନାକ୍ଷୀଲତା ନାୟକ,ପରିଚାଳନା କମିଟି ସଭାପତି ନିରୋଦ ମହାପାତ୍ର,ଆଲୁମିନି ସଭାପତି ରମାକାନ୍ତ ପଣ୍ଡା,ସିଆରସିସି ସୁଜିତ କୁମାର ନାୟକ,ପ୍ରଧାନଶିକ୍ଷୟିତ୍ରୀ ସବିତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା ଓ ପ୍ରଶାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଜୁନିୟରରେ ୨୬ ଓ ସିନିୟରରେ ୧୦୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ପୁରସ୍କାର ବିତରଣୀ ସଭାରେ ବିଭିନ୍ନ ଶିକ୍ଷକ ସଙ୍ଗଠନର ସମ୍ପାଦକ ସନ୍ତୋଷ ଦକ୍ଷିଣରାୟ, ବିଷ୍ଣୁମୋହନ ମିଶ୍ର,ଉଦୟ ପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ଜନାର୍ଦ୍ଦନ ସାମଲ, ଶଙ୍କର୍ଷଣ ଜେନା ପ୍ରମୁଖ ଅତୀଥିଭାବେ ଯୋଗ ଦେଇ ପ୍ରମାଣପତ୍ର ପ୍ରଦାନ କରିଥିଲେ । ବିଆରଟି ମନୋଜ ମହାପାତ୍ର, ଖୁକନ ସେଠୀ, ବିଦ୍ୟାଧର ଦାସ, ଭାଗିରଥି ନାୟକ, ସୁଶାନ୍ତ ନାୟକ, ଜୟନ୍ତ ମହାରଣା, ଦେବାଶିଷ ରାଉତ, ଅଶୋକ ମହାନ୍ତି, କମଳାକାନ୍ତ ଶିଅଳ, ସମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ ।



# ଇଫ୍‌କୋ ଲୋକସମ୍ପର୍କ ଅଧିକାରୀଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି



ପାରାଦୀପ, ୨୦/୧୧ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍‌ର ଲୋକସମ୍ପର୍କ ଅଧିକାରୀ ତଥା ସମାଜସେବୀ ପ୍ରସନ୍ନ କୁମାର ବେଉରାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଓାଲର୍ଡ କଲଚର ଆଣ୍ଡ ଏନଭିରୋନମେ ପ୍ରୋଟେକସନ କମିଶନ ପକ୍ଷରୁ ଶ୍ରୀ ବେଉରାଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି । ଶ୍ରୀ ବେଉରା ପାରାଦୀପ ଇଫକୋ ୟୁନିଟ୍‌ର ପ୍ରଶାସନିକ ଅଧିକାରୀ ସହିତ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁ ଅଛନ୍ତି । ପଦ୍ମବନ ନେମାଳ ପୀଠର ପରିଚାଳନା ଟ୍ରଷ୍ଟି ଭାବେ ସେ କାର୍ଯ୍ୟ କରିବା ସହିତ ଏହି ପଦ୍ମବନ ନେମାଳ ପୀଠର ଉନ୍ନତି ପାଇଁ ସେ ଦୀର୍ଘ ଦିନ ହେବ ପ୍ରୟାସ ଜାରୀ ରଖିଛନ୍ତି । ତାଙ୍କ ଉଦ୍ୟମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଧାମ, ପୁରୀଠାରେ ବରିଷ୍ଠ ନାଗରିକମାନଙ୍କ ସରଳ ଦର୍ଶନ ପାଇଁ ହାତବାଡି ପ୍ରଦାନ, ହୁଇଲ ଚେୟାର ଯୋଗାଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ । ପ୍ରାକୃତିକ ବିପର୍ଯ୍ୟୟ, ଘର ପୋଡି, ପରିବେଶ ସୁରକ୍ଷା, ବୃକ୍ଷରୋପଣ ସଚେତନତା ଆଦି କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ଏହି ସମ୍ମାନଜନକ ଉପାଧି ହାସଲ କରିବା ପରେ ବହୁ ବିଶିଷ୍ଟବ୍ୟକ୍ତିଙ୍କ ସମେତ ବିଭିନ୍ନ ସଂଗଠନମାନେ ଶ୍ରୀ ବେଉରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଟ୍ରାକ୍‌ରୁ ମିଳିଲା ପତିପତ୍ନୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

କୋରାପୁଟ, ୨୦/୧୧ (ନି.ପ୍ର): ଟ୍ରାକ୍‌ରୁ ମିଳିଲା ପତିପତ୍ନୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ। ଏପରି ଏକ ହୃଦୟ ବିଦାରକ ଘଟଣା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଘଟିଛି। ଆଜି ସକାଳେ ଲକ୍ଷ୍ମୀପୁର ରେଲୱେ ଷ୍ଟେସନ ନିକଟସ୍ଥ ଭୂଇପାଟନି ଗାଁ ନିକଟରେ ଯାଇଥିବା ରେଲୱେ ଟ୍ରାକ୍‌ରେ ଉଭୟଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଟ୍ରାକ୍‌ରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ପ୍ରଥମେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ତୁରନ୍ତ ପୁଲିସ୍‌କୁ ସୂଚନା ଦେଇଥିଲେ। ଲକ୍ଷ୍ମୀପୁର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପ୍ରଥମେ ମୃତକଦ୍ୱୟଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନେ ଲକ୍ଷ୍ମୀପୁର ଥାନା ବୁର୍ଜା ଗାଁର ବୋଲି ସୂଚନା ମିଳିଛି। ମୃତ ପତିପତ୍ନୀ ବୁର୍ଜା ଗାଁର ବୁରୁସ୍ ଖୁରା ୫୮ଏବଂ ସ୍ତ୍ରୀ ଯମୁନା ଖୁରା ୫୪ ବୋଲି ଜଣାପଡ଼ିଛି । ଉଭୟଙ୍କର ୨ ଟି ପୁଅ ଗୋଟିଏ ଝିଅ ରହିଛନ୍ତି । ତେବେ କିପରି ଓ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ହେଲା ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନି। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିବା ବେଳେ ପୁଲିସ୍ ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହରୁ ଉଭୟ ଏପରି ଚରମ ପଦକ୍ଷେପ ଉଠାଇଛନ୍ତି ନା ଏହା ପଛରେ କିଛି ଷଡଯନ୍ତ୍ର ରହିଛି ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ୍ ।

# ଖଇରା ପଞ୍ଚାୟତ ସମିତି ବୈଠକ: ମିଶନ ଶକ୍ତି ବ୍ଲେଜର କିଣାରେ ଦୁର୍ନୀତିର ଖୁଲାସା ହେବ କେବେ ?




ଖଇରା, ୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ପଞ୍ଚାୟତ ସମିତିର ୧୦ମ ଅଧିବେସନ ମଙ୍ଗଳବାର ଦିନ ସଭାଗୃହରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଆରମ୍ଭରେ ଏମପି ଅଭିମନ୍ୟୁ ସେଠୀ ପୂର୍ବ ବୈଠକରେ ଅନୁପସ୍ଥିତ ଥିବା ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିଭଳି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଆଲୋଚନା ପୂର୍ବରୁ ଲୋକପ୍ରତିନିଧି ମାନେ ନିଜର ସମ୍ମାନ ଅଧୀକାରକୁ ନେଇ ଘଣ୍ଟାଏ ଧରି ପାଟିତୁଣ୍ଡ କରିଥିଲେ। ସରପଞ୍ଚ ମାନଙ୍କୁ ବ୍ଲକ ସିଏଫସି ଏବଂ ଏସଏଫସି ପାଣ୍ଠି ପ୍ରକଳ୍ପ ଚୟନରେ ସାମିଲ କରାନଯିବାକୁ ନେଇ ଜୟନ୍ତୀ ପତି, ପୁଷ୍ପଲତା ଘଡେଇ, ସୁଶାନ୍ତ ନାୟକ, ଦୟାନିଧି ନାୟକ, ରବିନ୍ଦ୍ର ନାୟକ ପ୍ରମୁଖ ହୋହାଲ୍ଲା କରିଥିଲେ । ସେହିଭଳି ପଞ୍ଚାୟତ ବୈଠକକୁ ସମିତି ସଭ୍ୟମାନଙ୍କୁ ଡକାଯାଉନଥିବା ନେଇ ଅକ୍ଷୟ ଜେନା ଓ ଅନ୍ୟ ସମିତିସଭ୍ୟ ମାନେ ଅଭିଯୋଗ କରିଥିଲେ । ରିଜୋଲ୍ୟୁସନରେ ଜିଲାପରିଷଦ ସଭ୍ୟାସଭ୍ୟଙ୍କୁ ନିମନ୍ତ୍ରିତ ସଭ୍ୟ ଭାବେ ଉଲ୍ଲେଖ କରାଯାଇ ସେମାନଙ୍କୁ ଅପମାନିତ କରାଯାଉଛି ବୋଲି ସଭ୍ୟ ଗଜେନ୍ଦ୍ର ଦାସ ଅଭିଯୋଗ କରିଥିଲେ। ଜେଇ ଓ ଏଇଙ୍କ ମାଧ୍ୟମରେ ଅଧିକାଂଶ ପଞ୍ଚାୟତରେ ସମିତିସଭ୍ୟ ଓ ସରପଞ୍ଚଙ୍କୁ ଭାଗଭାଗ କରାଯାଉଥିବା ଶ୍ରୀଦାସ ଉଲ୍ଲେଖ କରିଥିଲେ । ପାନୀୟଜଳ ପ୍ରସଙ୍ଗରେ କୁପାରୀ ଜୋନରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଏମପି ଓ ତଥା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ବିରକ୍ତି ପ୍ରକାଶ କରିଥିଲେ। ସେହିଭଳି ଇସି ମେମ୍ବର ମାନଙ୍କ ଠାରୁ ଅର୍ଥ ନେଇ ବ୍ଲେଜର କିଣାରେ ଦୁର୍ନିତି ହୋଇଥିବା ନେଇ ଗରସଙ୍ଗ ଓ ଡାଲଙ୍ଗ ସରପଞ୍ଚ ଅଭିଯୋଗ ଆଣିଥିଲେ । ବହୁ ପ୍ରକଳ୍ପର ଫାଇଲ ପିସି ପାଇଁ ପଡିରହୁଥିବା ନେଇ ଲୋକପ୍ରତିନିଧି ମାନେ ଆପତ୍ତି ଉଠାଇଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା ବାତ୍ୟାଦାନା ପ୍ରସଙ୍ଗ ଉଠାଇ ଯେଭଳି ଘର ଭାଙ୍ଗିଥିବା କୌଣସୀ ହିତାଧିକାରୀ ବାଦ ନପଡନ୍ତି ସେଥିପାଇଁ ତହସିଲଦାର ଜିତେନ୍ଦ୍ର ମୁର୍ମୁ ଅନ୍ୟାନ୍ୟ ଅଧିକାରିଙ୍କୁ ତାଗିଦ କରିଥିଲେ। ବିଡିଓ ଅନନ୍ତ କୁମାର ହାଁସଦା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସଭ୍ୟ ମାନସ କୁମାର ଦାଶ,ଉପାଧକ୍ଷ ଗଜେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# କଲଭର୍ଟରେ ପିଟି ହେଲା ବାଇକ୍: ୨ ମୃତ, ୨ଗୁରୁତର

ବାଲେଶ୍ୱର, ୨୦/୧୧ (ନି.ପ୍ର): ବାଲେଶ୍ୱର ସଦର ଥାନା ଗୁଜୁରି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ?ଟି ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ କାସିମାବାଦର ବାପି ମୁର୍ମୁ ଓ ବିକାଶ ମୁର୍ମୁ। ଆହତମାନେ ହେଲେ କରଞ୍ଜିଆର ଅନନ୍ତ ମାଝୀ ଓ ବଡ଼ ସିନ୍ଧିଆର ରାମ ମାଝୀ। ଏକ ବାଇକ୍‌ରେ ୪ ଜଣ ଯିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇଯାଇଥିଲା। ବାଇକ ଆରୋହୀମାନେ ତଳେ ଛିଟିକି ପଡ଼ିଯାଇଥିଲେ। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅନ୍ୟପକ୍ଷରେ ମୃତକଙ୍କ ବ୍ୟାଗରୁ କଟୁରି, ଭୁଜାଲି ଜବତ କରାଯାଇଛି। ଯାହାକୁ ନେଇ ପୁଲିସର ସନ୍ଦେହ ବଢ଼ିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଭଂଜପୁର ଜଗଦ୍ଧାତ୍ରୀମେଳାର ସପ୍ତମ ସନ୍ଧ୍ୟା : ଆଦିବାସୀ ନୃତ୍ୟଗୀତରେ ଦୁଲୁକିଲା ମେଳା ପଡିଆ

ବାରିପଦା , ୨୦/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଉତ୍ତର ଓଡ଼ିଶାର ସର୍ବବୃହତ ଜଗଦ୍ଧାତ୍ରୀ ମେଳାର ସପ୍ତମ ସନ୍ଧ୍ୟାରେ ଟେପ ଦି ଫିଟ ଓ ଶାନ୍ତି ଡ୍ୟାନ୍ସ ଗ୍ରୁପର କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ବିଭିନ୍ନ ପ୍ରକାର ନୃତ୍ୟଗୀତରେ ଦର୍ଶକଙ୍କୁ ବିମୋହିତ କରିଥିଲେ କଳାକାର ମାନେ।



ଶେଷରେ ମାରିସା ପକ୍ଷରୁ ଅନୁଷ୍ଠିତ ଆଦିବାସୀ ସାଂସ୍କୃତିକ ଦଳରେ ଆସିଥିବା ଆଦିବାସୀ ଆଲବମ ଓ ସିନେମାର ତାରକା ମାନଙ୍କର କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇଥିଲେ। ସମସ୍ତ ସାଂସ୍କୃତିକ ଦଳକୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଅଂଶ ଗ୍ରହଣ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରିଥିବା ବେଳେ, ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ତଟ ସୁରକ୍ଷା ପାଇଁ ଆସିବ ଡ୍ରୋନ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ତଟ ସୁରକ୍ଷାରେ ଯୋଡ଼ି ହେବ ଡ୍ରୋନ୍ ସହ ମାଛ ଧରା ଡଙ୍ଗା । ଏନେଇ ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ.ବି ଖୁରାନିଆ । ରାଜ୍ୟର ୪୫୦ କିମି ତଟ ସୁରକ୍ଷା ପାଇଁ ୧୮ ମେରାଇନ୍ ଥାନା ଅଛି । ଯେଉଁଠି ପାଟ୍ରୋଲିଂ ପାଇଁ ୧୬ ବୋଟ ରହିଛି । ଆଉ ୧୦ ଅତ୍ୟାଧୁନିକ ଡଙ୍ଗା ଭଡ଼ାରେ ନିୟୋଜିତ କରାଯିବ ।

# ପୂର୍ବତନ ବିଧାୟକ ସ୍ୱର୍ଗତଃ ରୋହିଦାସ ସୋରେନ

ଉଦଳା , ୨୦/୧୧ (ନି.ପ୍ର): 'ରୋହିଦାସ ସୋରେନ' ବାସ୍ ଏତିକିହିଁ ଯଥେଷ୍ଟ । କେବଳ ନାମରୁ ହିଁ ଲୋକେ ବୁଝି ଯାଆନ୍ତି ସବୁକିଛି । ଜଣେ ରାଜନେତାର ଠାଣି ସାଙ୍ଗକୁ ସବୁକିଛି ପ୍ରତିକୁଳ ପରିସ୍ଥିତିକୁ ଏକାକି ସାମନା କରିବାର ଦମ୍ଭ ବେଶ ଭଲଭାବରେ ବାରି ହୋଇଉଠେ ତାଙ୍କ ଠାରେ । ରାଜନିତି କ୍ୟାରିୟର ମଧ୍ୟରେ ସେ ଉଦଳା ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗାରିଆ ଗ୍ରାମର ସରପଂଚ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର



କାଉନସିଲର ଏବଂ ଉଦଳା ନିର୍ବାଚନ ମଣ୍ଡଳିର ଥରେ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ବିଧାୟକ ଥିବା ସମୟରେ ଯେଉଁଭଳି ଭାବରେ ଲୋକଙ୍କ ଗୁହାରି ଶୁଣୁଥିଲେ ଓ ଆମ ଅଂଚଳର ସମସ୍ୟା ବିଧାନସଭାରେ ଉଠାଉଥିଲେ ତାହା ଆଜିବି ଲୋକେ ଭୁଲି ନାହାଁନ୍ତି । ଆଗକୁ ଉଦଳା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ପାଳିତ ହେବାକୁ ଯାଉଥିବା ବେଳେ, ପୂର୍ବତନ ଛାତ୍ର ମାନଙ୍କ କଥା ସାଧାରଣରେ ଚର୍ଚ୍ଚାର ପରିସରକୁ ଆସୁଛି । ସେ ମଧ୍ୟରେ ରୋହିଦାସ ସୋରେନ ଅନ୍ୟତମ ଅଟନ୍ତି । ମୋଟାମୋଟି ଭାବରେ ଉଦଳା ନିର୍ବାଚନ ମଣ୍ଡଳିରୁ ବର୍ତ୍ତମାନସୁଦ୍ଧା ନିର୍ବାଚିତ ହୋଇଥିବା ବିଧାୟକ ମାନଙ୍କ ମଧ୍ୟରେ ସବୁଠାରୁ ଟାଣୁଆ ଓ ଲୋକପ୍ରିୟ ବିଧାୟକ କିଏଥିଲେ ପ୍ରଶ୍ନକଲେ, ନବେ ପ୍ରତିଶତ ଲୋକଙ୍କ ମୁଖରୁ ଗୋଟିଏ ନାମ ଶୁଣିବାକୁ ମିଳେ ସେ ହେଉଛନ୍ତି 'ରୋହିଦାସ ସୋରେନ' । ଏହିଭଳି ଜଣେ ଭଲ ରାଜନୈତିକ ନେତା ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ର ଥିବାରୁ ତାଙ୍କ ପାଇଁ ଆଜି ବିଦ୍ୟାଳୟ ଗର୍ବ ଅନୁଭବ କରେ ବୋଲି ବହୁଲୋକଙ୍କ ମୁଖରୁ ଶୁଣିବାକୁ ମିଳୁଛି । ଏପରିକି ଯେଉଁ ସମୟରେ ସାନ୍ତାଳ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିନଥିଲା ସେ ସମୟରେ ସେ ବିଧାନସଭାରେ ସାନ୍ତାଳ ଭାଷାରେ ପ୍ରଶ୍ନ କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ଏଥିପାଇଁ ତାଙ୍କୁ ସେ ସମୟର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ପ୍ରଶଂସା କରିଥିଲେ । ତାଙ୍କର ଅବର୍ତ୍ତମାନ ଉଦଳାକୁ କରିଦେଇଛି ମୁରବିଶୂନ୍ୟ ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଇଛନ୍ତି । ଥରଟିଏ ମାତ୍ର ୫ ବର୍ଷ ପାଇଁ ବିଧାୟକ ହୋଇ ସେ ଯେଉଁ ଛାପ ଛାଡ଼ିଯାଇଛନ୍ତି, ଏକାଧିକଥର ବିଧାୟକ ପଦ ପାଇ ମଧ୍ୟ ଅନ୍ୟମାନେ ସେହି ସ୍ତରରେ ପହଁଚିପାରିନଥିବାର କଥା ଅନେକ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଏହିଭଳି ଟାଣୁଆ ନେତାଙ୍କର ଅଭାବ ଯୋଗୁଁ ଉଦଳା ଆଜି ପଛୁଆ, ଏକଥା ସମସ୍ତେ ଅନୁଭବ କଲେଣି ।

# ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଆରଏସପି କର୍ମଚାରୀ କନ୍ୟାଙ୍କ କୃତିତ୍ୱ ହାସଲ

ରାଉରକେଲା, ୨୦/୧୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଏଫ ଏମ (ଏମ) ବିଭାଗର ମାଷ୍ଟର ଅପରେଟର ଶ୍ରୀ ପ୍ରଦୀପ୍ତ କୁମାର ସାହୁ ଓ ଶ୍ରୀମତୀ ମଞ୍ଜୁଲତା ସାହୁଙ୍କ କନ୍ୟା ସୁଶ୍ରୀ ଆରାଧନା ସାହୁ, ନଭେମ୍ବର ୧୦ ତାରିଖ ଦିନ ଲଣ୍ଡନରେ ଅନୁଷ୍ଠିତ ଏସଡିସି ଆନ୍ତର୍ଜାତୀୟ ଡିଜାଇନ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ହାସଲ କରି ଇସ୍ପାତ ନଗରୀ ରାଉରକେଲା ତଥା ସମଗ୍ର ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାଟି ୧୪୦ ବର୍ଷର ପୁରାତନ ଖ୍ୟାତନାମା ବ୍ରିଟିଶ ସଂଗଠନ "ସୋସାଇଟି ଅଫ୍ ଡାୟର୍ସ ଆଣ୍ଡ କଲରିଷ୍ଟ" (ଏସ ଡି ସି) ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଉତ୍କର୍ଷତା ପାଇଁ ରଙ୍ଗ'। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର





ବିଭିନ୍ନ ଭାଗରୁ ଛାତ୍ରଛାତ୍ରୀ, ଗବେଷକ, ଶିଳ୍ପ ବୃତ୍ତିଧାରୀ ଏବଂ ଡିଜାଇନରମାନଙ୍କୁ ଏକାଠି କରି ସ୍ନାତକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ଆନ୍ତର୍ଜାତୀୟ ସ୍ତରର ଦୃଷ୍ଟିକୋଣ ପ୍ରଦର୍ଶନ ପାଇଁ ଏହି ଏସ ଡି ସି ପ୍ରତିଯୋଗିତା ଏକ ମଞ୍ଚ ଯୋଗାଇ ଦେଉଛି। ସୃଜନଶୀଳ ପ୍ରତିଭା ତଥା ଉତ୍ସାହୀ ଟେକ୍ସଟାଇଲ ଡିଜାଇନାର ଆରାଧନା ସମ୍ପ୍ରତି ପୁନେ ସ୍ଥିତ ସ୍କୁଲ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜିରେ ଡିଜାଇନ୍ ପାଠ୍ୟକ୍ରମରେ ସ୍ନାତକ ଶିକ୍ଷା ଅଧ୍ୟୟନ କରୁଛନ୍ତି। ଭାରତରେ ଅନୁଷ୍ଠିତ ଆଞ୍ଚଳିକ ହିଟ ବିଜେତା ବିବେଚିତ ହୋଇ ସେ ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ, ଗସ୍ତ, ରହିବା ଇତ୍ୟାଦିର ସମସ୍ତ ଖର୍ଚ୍ଚ ଆୟୋଜକ ବହନ କରିଥିଲେ। ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ, ଏହି ପ୍ରତିଭାଶାଳୀ ଡିଜାଇନର୍ ଟେକ୍ସଟାଇଲ୍ ଯୋଗାଣ ଶୃଙ୍ଖଳରେ ସ୍ଥାୟିତ୍ୱର ଆହ୍ୱାନର ସମାଧାନ ଉପରେ ଏକ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ସେ ବିଭିନ୍ନ ପ୍ରକାର ପ୍ରଲେପ କଳା କୌଶଳ ପ୍ରୟୋଗ କରି ପରିତ୍ୟକ୍ତ ଏବଂ ଅବଶିଷ୍ଟ ବର୍ଜ୍ୟବସ୍ତୁକୁ ସୌନ୍ଦର୍ଯ୍ୟଜନକ ଭାବେ ଆକର୍ଷଣୀୟ ସାମଗ୍ରୀରେ ସରଜନଶୀଳ ରୂପାନ୍ତର କରିଥିଲେ। ତାଙ୍କ ଡିଜାଇନ୍ ର ବିବିଧ ଉପଯୋଗିତା ପ୍ରତିପାଦିତ ହୋଇଛି ଯାହା ମଧ୍ୟରେ ଶିଳ୍ପ, ଲାଇଫଷ୍ଟାଇଲ, ଆସେସୋରିଜ୍ ଏବଂ ଅଟୋମୋଟିଭର ବ୍ୟାପକ ଉପଯୋଗୀତାର କଳାକୃତି ସାମିଲ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆରାଧନା ଆରଏସପିର ସେକ୍ଟର ୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଛନ୍ତି।

# ରାତିରେ ଖାଇ ଶୋଇଲେ ଦାଦା, ପୁତୁରା: ସକାଳେ ଚାଲିଗଲା ଜୀବନ

ତିର୍ତ୍ତୋଲ, ୨୦/୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶିରସ୍ତା ଗାଁରେ ୨ଜଣ ବ୍ୟକ୍ତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଖାଦ୍ୟ କିମ୍ବା ପାନୀୟରେ ବିଷକ୍ରିୟା ଯୋଗୁ ଉଭୟଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତକ ଦ୍ୱୟ ହେଲେ ସିରସ୍ତା ଗାଁର ବିଭୂତି ସାମଲ ଓ ଗୋପବନ୍ଧୁ ସାମଲ। ଉଭୟ ସମ୍ପର୍କରେ ଦାଦା ପୁତୁରା ବୋଲି ସୂଚନା ମିଳିଛି। ଗତକାଲି ରାତିରେ ଉଭୟ ରାତ୍ରି ଭୋଜନ ଖାଇବା ପରେ ଛାତି ଓ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଉଭୟଙ୍କୁ ପ୍ରଥମେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ଘଟିଛି।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର

ଭଦ୍ରକ: ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ବ୍ଲକ ସ୍ତରୀୟ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଆଜି ସକାଳ ୧୧ ଘଟିକା ସମୟରେ ଚାନ୍ଦବାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥିଭାବରେ ଭଦ୍ରକ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ଡ଼ାକ ବିଭାଗର ବିଜ୍‌ନେସ୍ ଏକ୍‌ଜିକିଟିଭ୍ ସୋଭନ କୁମାର ମହାନ୍ତି, ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ, ଚାନ୍ଦବାଲି ବ୍ଲକର ବ୍ରାଞ୍ଚ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ,ବିପିଏମ୍ ଓଏଲ୍‌ଏମ୍



ବିଣାପାଣୀ ପଣ୍ଡା, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର ନାଗେଶ୍ୱର ରାଓ ଯୋଗ ଦେଇଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲି ଓ ସୋଭନ୍ କୁମାର ମହାନ୍ତି ଡ଼ାକଘରେ ଉପଲବ୍ଧ ଥିବା ସମସ୍ତ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ବୀମା ଯୋଜନା ସଂପର୍କରେ ଲୋକମାନଙ୍କୁ ଜଣାଇଥିଲେ । ପଦ୍ମନ କୁମାର ରାୟ ସାଇବର ସୁରକ୍ଷା ଓ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଓ ବିପିଏମ୍ ଓଏଲ୍‌ଏମ୍ ଲୋକମାନଙ୍କୁ ସ୍ୱଳ୍ପ ସଞ୍ଚୟ ଯୋଜନା ମାନଙ୍କରେ ସଞ୍ଚୟ କରିବା ପାଇଁ ଅନୁପ୍ରାଣୀତ କରିଥିଲେ । ଷ୍ଟେଟ୍ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ସାମାଜିକ ସୁରକ୍ଷା ବୀମା ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇଥିଲେ । ସଭା ଶେଷରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ସେମାନଙ୍କର ପ୍ରଶ୍ନ ଅଧିକାରୀମାନଙ୍କୁ ପଚାରି ଥିଲେ ଓ ପ୍ରଶାସନ ତରଫରୁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ଲୋକମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦୁବଲାଗଡିରେ ସହିଦ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା

ବସ୍ତା , ୨୦/୧୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକର ଦୁବଲାଗଡି ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଅମର ଯବାନ ଯୁବ ସଂଗଠନ' ତରଫରୁ ସହିଦ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ସଭାରେ ସଂଗଠନର ବରିଷ୍ଠ ଉପଦେଷ୍ଟା ଗୟା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସଭାପତି ଭକ୍ତ ଚରଣ ଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସମୟର ଚକ୍ରର ସଂପାଦକ ସର୍ବେଶ୍ୱର ଜେନା ଯୋଗ ଦେଇ ବାଜି ରାଉତଙ୍କ ବଳିଦାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିବା ବେଳେ ସମାଜସେବୀ ଯଶୋଦା ନନ୍ଦନ ଆସ୍ ବ୍ୟକ୍ତା ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମ ବିଷୟରେ ପ୍ରେରଣା ଦେଇଥିଲେ । ସଂଗଠନର ଅନ୍ୟତମ ଉପଦେଷ୍ଟା ଶିଳ୍ପୀ କେଶୁ ଦାସ ଯୋଗଦେଇ ଥିବାବେଳେ ଶ୍ରୀକୃଷ୍ଣ ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ । ଉଭୟ ପ୍ରତିଯୋଗିତର 'କ' ବିଭାଗ ଓ 'ଖ' ବିଭାଗ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍କୁଲର ଶିକ୍ଷକ ରାଜେନ୍ଦ୍ର ନାଥ ନାଥ, ବିଚାରକ ସରୋଜ ବେହେରା, ଦେବବ୍ରତ ଜେନା, ରାମକୃଷ୍ଣ ବେରା, ଚନ୍ଦନ ଜେନା, ଲିଲିମା ଜେନା, ସାଗରିକା କର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତନୁଶ୍ରୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo